# ଏକକ -୭ ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣ ଯୋଜନା

ଟିପ୍ପଣୀ

**ସଂରଚନା**

୭.୦ ଉପକ୍ରମ

୭.୧ ଶିକ୍ଷଣ ଉଦ୍ଦେଶ୍ୟ

୭.୨ ଯୋଜନାର ଆବଶ୍ୟକତା

୭.୩ ଯୋଜନାର ସୋପାନ ସମୂହ

୭.୪ ପରିବେଶ ଅଧ୍ୟୟନ ପାଠ ଗୁଡ଼ିକର ଯୋଜନା

୭.୪.୧ ଦୈନିକ ପାଠଟୀକା

୭.୫ ବାର୍ଷିକ ପାଠଯୋଜନା

୭.୬ ଅଗ୍ରଗତି, ଅଂଶଗ୍ରହଣ ଏବଂ ସମ୍ବଳର ବ୍ୟବହାର ପାଇଁ ଯୋଜନା

୭.୬.୧ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି

୭.୬.୨ ଯୋଜନାରେ ଛାତ୍ରଛାତ୍ରୀମାନଙ୍କର ଅଂଶଗ୍ରହଣ

୭.୬.୩ ସମ୍ବଳର ଯୋଜନା

୭.୭ ସାରାଂଶ

୭.୮ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୭.୯ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୭.୧୦ ପାଠାନ୍ତ ପ୍ରଶ୍ନାବଳୀ

## ୭.୦ ଉପକ୍ରମ

ବିଶେଷ କରି ପରିବେଶ ଅଧ୍ୟୟନର ସଫଳ ଶିକ୍ଷାଦାନ - ଶିକ୍ଷଣ ପାଇଁ ଯେଉଁ ସବୁ ଉପାୟ ଓ ପ୍ରଣାଳୀ ଉପଯୋଗୀ ଏହି ଏକକର ପୂର୍ବ ଅଧ୍ୟାୟରେ ସେ ସବୁକୁ ତୁମେ ଜାଣିଛ । ଗୋଟିଏ ବର୍ଷ ମଧ୍ୟରେ କରାଯାଇଥିବା ବିଦ୍ୟାଳୟ ସମୟ ନିର୍ଘଣ୍ଟ ଜଣେ ଶିକ୍ଷକ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ କଥା ମଧ ତୁମେ ଜାଣିଛ । ତେଣୁ ବର୍ତ୍ତମାନ ତୁମ ମନରେ ଅନେକ ଭାବନା ଓ ବିଚାର ଆସୁଥିବ ଯେ ତୁମେ କିପରି ଅଭିନବ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତିଗୁଡ଼ିକୁ ତୁମ ଶିକ୍ଷାଦାନ ସମୟ ନିର୍ଘଣ୍ଟର ଏକ ଅଂଶ ରୂପେ ପ୍ରସ୍ତୁତ କରି ପାରିବ । ଏହି ଅଧ୍ୟାୟରେ ସେ ସବୁ ବିଷୟରେ ଆଲୋଚନା କରାଯାଇଛି ।

ଯେ କୌଣସି ସଫଳ ପ୍ରକ୍ରିୟାର ମୂଳ ହେଉଛି ଯୋଜନା । ଯୋଜନା କରିନଥିଲେ କୌଣସି କାର୍ଯ୍ୟ ସଫଳ ହୁଏ ନାହିଁ । ଏହି ଅଧ୍ୟାୟରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣର ଫଳପ୍ରଦ ଯୋଜନା ବିଷୟରେ ଶିଖିବା ।

ଟିପ୍ପଣୀ

ଏଥିପାଇଁ ବାର୍ଷିକ ଯୋଜନା ଓ ପାଠ ଯୋଜନା କରିବାର ଆବଶ୍ୟକତା ପଡିବ । ଏହି ପ୍ରକ୍ରିୟା ପାଇଁ ଶିକ୍ଷାଦାନ - ଶିକ୍ଷଣ ଉପକରଣ ଓ ଶିକ୍ଷାର୍ଥୀ ମାନଙ୍କର ଶିକ୍ଷଣ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ପାଇଁ ଯୋଜନାର ଆବଶ୍ୟକତା ପଡିବ । ଏଥିପାଇଁ ତୁମକୁ ଛାତ୍ରଛାତ୍ରୀମାନଙ୍କର ସାମର୍ଥ୍ୟ ଏବଂ ଭିନ୍ନତା ଓ ସ୍ୱତନ୍ତ୍ରତା ଉପରେ ଦୃଷ୍ଟି ଦେବା ଆବଶ୍ୟକ ହୋଇଥାଏ । ଏହି ସବୁ ଆବଶ୍ୟକ କାରଣ ପ୍ରତ୍ୟେକ ପିଲା ସ୍ୱତନ୍ତ୍ର ।

## ୭.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ପରିସମାପ୍ତି ପରେ ତୁମେ -

- ଯୋଜନାର ଆବଶ୍ୟକତାକୁ ବର୍ଣ୍ଣନା କରିପାରିବ
- ଯୋଜାନା ସଂପର୍କିତ ସୋପାନ ଗୁଡ଼ିକୁ ବାଖ୍ୟା କରିପାରିବ
- ପରିବେଶ ଅଧ୍ୟୟନର ଦୈନିକ ପାଠ ଯୋଜନା ପ୍ରସ୍ତୁତ କରିପାରିବ
- ପରିବେଶ ଅଧ୍ୟୟନ ପାଇଁ ବାର୍ଷିକ ପାଠ ଯୋଜନା କରିବା ଓ ଏହାର ଅନ୍ୟ ବିଷୟଗୁଡ଼ିକ ସହ ସହସଂପର୍କ
- ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପାଶ୍ୱବିନ୍ଦୁ ପ୍ରସ୍ତୁତ କରିବା ଓ ସେମାନଙ୍କ ଧାରା ବାହିକ ଅଗ୍ରଗତି ଓ ବିକାଶ ପାଇଁ ଯୋଜନା କରିବା

## ୭.୨ ଯୋଜନାର ଆବଶ୍ୟକତା

କୌଣସି କାର୍ଯ୍ୟର ଲକ୍ଷ୍ୟରେ ସଫଳତାର ସହିତ ପହଂଚିବା ହେଉଛି ଯୋଜନା । ତୁମେ ଯଦି ଏହାକୁ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିପାରୁଛ, ତେବେ ତୁମେ ଆବଶ୍ୟକୀୟ ସମୟଠାରୁ କମ୍ ସମୟରେ ଏବଂ ସ୍ୱେଚ୍ଛାରେ ଲକ୍ଷ୍ୟ ସ୍ଥଳରେ ପହଂଚି ପାରିବ । ସଠିକ୍ ଭାବେ କହିବାକୁ ଗଲେ ଯୋଜନା କରିବା କହିଲେ ପରିଚାଳନା କୌଶଳକୁ ବୁଝାଏ । ଯୋଜନା ଏକ ମାନଚିତ୍ର ଭଳି । ଯୋଜନା ଅନୁସାରେ କାର୍ଯ୍ୟ କଲେ ତୁମେ ଲକ୍ଷ୍ୟରେ ପହଞ୍ଚିବା ପାଇଁ କେତେ ଅଗ୍ରଗତି କରିଛ ଓ ତୁମ ଲକ୍ଷ୍ୟ ସ୍ଥଳ କେତେ ଦୂରରେ ଅଛି ତାହା ତୁମେ ଦେଖି ପାରିବ । ଗୋଟିଏ ଉତ୍ତମ ନିଷ୍ପତ୍ତି ନେବା ପାଇଁ ତୁମେ କେଉଁଠାରେ ଅଛ ଜାଣିବା ଆବଶ୍ୟକ । ଏହା ହେଲେ ତୁମେ ପରବର୍ତ୍ତୀ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରିପାରିବ ।

ଆନୁଷ୍ଠାନିକ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ଅର୍ଥରେ ଯୋଜନା ତୁମର ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଉତ୍ତମ ଯୋଜନା ଶିକ୍ଷାଦାନ - ଶିକ୍ଷଣ ପଞ୍ଜିକା, ଶିକ୍ଷଣ ପରିବେଶ ଓ ଶିକ୍ଷାର୍ଥୀମାନଙ୍କ ଅଗ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ସେଥିପାଇଁ ଶିକ୍ଷାରେ ଯୋଜନାକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ ।

କାର୍ଯ୍ୟ କରିବାର ପ୍ରତ୍ୟେକ ସୋପାନରେ ତୁମର ଆବଶ୍ୟକତା ସହ ସମୟ, ଅର୍ଥ ଓ ଅନ୍ୟାନ୍ୟ ସମ୍ବଳର ଉପଯୁକ୍ତ ବିନିଯୋଗରେ ଯୋଜନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସାବଧାନତା ସହ ଯୋଜନା ପ୍ରସ୍ତୁତ କଲାବେଳେ କେତେକ କ୍ଷେତ୍ରରେ ସମସ୍ୟାରେ ସମ୍ମୁଖୀନ ହୋଇଥିବ । ଅଜଣା ବିପଦକୁ ସମ୍ମୁଖୀନ ହେବା ଅପେକ୍ଷା ଯୋଜନାକୁ ବ୍ୟବସ୍ଥିତ ଓ ସରଳ କରି ଆସୁଥିବା ବିପଦକୁ ସମାନ କରିବା ସହଜ ।

ସମୀର ଶିକ୍ଷାରେ ଦୂରଶିକ୍ଷା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିଲେ । ସେହି କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ତାଙ୍କୁ ଏକ ନ୍ୟସ୍ତ କାର୍ଯ୍ୟ ଆସନ୍ତା ଗୁରୁବାର ପୂର୍ବରୁ ଦାଖଲ କରିବାକୁ ପଡିଥିଲା । ସେ ଫାଇଲଟିକୁ ଗତ ସପ୍ତାହରେ ପାଇଥିଲେ । କିନ୍ତୁ ସେ ବିଗତ ଶୁକ୍ରବାର ଦିନ ଫାଇଲଟିକୁ ଖୋଲି ପଢିବାକୁ ସକ୍ଷମ ହେଲେ । ନ୍ୟସ୍ତ

କାର୍ଯ୍ୟ ସମ୍ପାଦନ ପାଇଁ ତାଙ୍କ ପାଖରେ ୬ ଦିନ ସମୟ ଥିଲା । ତାଙ୍କ ପାଖରେ ଯେହେତୁ ଯଥେଷ୍ଟ ସମୟ ଥିଲା, ସେ ଟିକେ କାର୍ଯ୍ୟରେ କୋହଳ କଲେ ଏବଂ ସେହି କାର୍ଯ୍ୟଟିକୁ ସେହିଦିନ ରାତିରେ କରିବେ ବୋଲି ଭାବିଲେ । ସନ୍ଧ୍ୟାରେ ସେ ମନେପକାଇଲେ ଯେ, ଏହି ଦିନଟି ହେଉଛି ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଶେଷ ଦିନ । ସେ ଭାବିଲେ ଏହି କାର୍ଯ୍ୟ ସମ୍ପାଦାନ କରିବା ପାଇଁ ତାଙ୍କ ପାଖେ ଆହୁରି ୫ ଦିନ ଅଧିକ ସମୟ ଅଛି, ଆଜି ରାତିରେ ଖେଳଟିକୁ ଉପଭୋଗ କରିବେ ଏବଂ ପରେ ଏହି କାର୍ଯ୍ୟଟିକୁ ସମ୍ପାଦାନ କରିବେ ।

ତା ପରଦିନ ସକାଳେ, ଯେତେବେଳେ ସେ ନ୍ୟସ୍ତ କାର୍ଯ୍ୟଟିକୁ ପଢିଲେ, ସେ ଅନୁଭବ କଲେ ଯେ ତାଙ୍କର କିଛି ପ୍ରାସଙ୍ଗିକ ସାମଗ୍ରୀ ଦରକାର ଅଛି ଯାହା ସେହି ସମୟରେ ତାଙ୍କ ପାଖରେ ନାହିଁ । ତେଣୁ ସେ ତାଙ୍କ ବନ୍ଧୁଙ୍କୁ ସାହାଯ୍ୟ ପାଇଁ ଡାକିଲେ । କିନ୍ତୁ ତାଙ୍କ ବନ୍ଧୁ ରହିବା ସ୍ଥାନଠୁ ଦୂରରେ ଥିଲେ । ତେଣୁ ସେ ବର୍ତ୍ତମାନ ବିବ୍ରତ ହୋଇଗଲେ, କିନ୍ତୁ ତା'ପରେ ସେ ନିଷ୍ପତ୍ତି ନେଲେ ଯେ ସର୍ବସାଧାରଣଙ୍କ ନିମନ୍ତେ ଥିବା ପାଠାଗାରକୁ ଯାଇ ଆବଶ୍ୟକୀୟ ପ୍ରାସଙ୍ଗିକ ସାମଗ୍ରୀ ପାଇବେ । ଓଃ ! ସୋମବାର ଏକ ଜନସାଧାରଣ ଛୁଟିଥିଲା ! ସେଥିପାଇଁ ତାଙ୍କ ପାଖେ ଅନ୍ୟକିଛି ବିକଳ୍ପ ନଥିଲା । ସୌଭାଗ୍ୟ ବଶତଃ, ତାଙ୍କ ସାଙ୍ଗ ମଙ୍ଗଳବାର ଦିନ ରହିବା ସ୍ଥାନକୁ ଫେରିଆସିବା ସହିତ ତାଙ୍କୁ ସାହାଯ୍ୟ କଲେ । ସେଥିପାଇଁ ସେ ଉପଯୁକ୍ତ କାର୍ଯ୍ୟଟିକୁ ଗୁରୁବାର ପୂର୍ବରୁ ଦାଖଲ କରିପାରିଲେ ।

ସେ ଯାହା ହେଉନା କାହିଁକି, ସେ କାର୍ଯ୍ୟଟିର ପରିସମାପ୍ତି କଥା ଭାବିଲେ ।

ଏହି ଘଟଣାଟିକୁ ଦେଖ ଏବଂ ନିମ୍ନଲିଖିତ ପ୍ରଶ୍ନଗୁଡିକର ସାମ୍ଭାବ୍ୟ ଉତ୍ତର ଖୋଜିବା ପାଇଁ ଚେଷ୍ଟାକର:

- ସମୀରଙ୍କ ପାଖେ ପ୍ରଚୁର ସମୟ ଥିଲା କି ?
- କିଏ ତାଙ୍କର ଏହି ପରିସ୍ଥିତି ପାଇଁ ଦାୟୀ ?
- ସେ ଏବେ ମଧ୍ୟ ଭୟଭିତ ! ତୁମେ ତାଙ୍କୁ ସାହାଯ୍ୟ କରିବ କି ? କିପରି ?

କାର୍ଯ୍ୟର ପ୍ରତ୍ୟେକ ସ୍ତରରେ ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ତୁମକୁ ପରିସ୍ଥିତି ବୁଝିବାରେ ସାହାଯ୍ୟ କରିବା ସହିତ ଶିକ୍ଷାଦାନ କାର୍ଯ୍ୟ କରିବା ସମୟରେ ଯେଉଁ ସବୁ ସମସ୍ୟା ଦେଖାଯିବାର ଆଶା କରାଯାଏ ସେଗୁଡ଼ିକୁ ସମ୍ମୁଖୀନ ଓ ସମାଧାନ କରିବାରେ ସାହାଯ୍ୟ କରେ । ତିନୋଟି କ୍ଷେତ୍ରକୁ ସ୍ପଷ୍ଟ ଭାବେ ବୁଝିବା ପାଇଁ ଯୋଜନା ଆମକୁ ସାହାଯ୍ୟ କରେ । ସେଗୁଡ଼ିକୁ ହେଲା - ପ୍ରସ୍ତୁତି, ପ୍ରକ୍ରିୟା ଓ ଫଳାଫଳ ।

(i) **କାର୍ଯ୍ୟ ପଥର ସ୍ୱଚ୍ଛତା :** ତୁମର ସମସ୍ତ କାର୍ଯ୍ୟ ସୂଚୀ ଓ ଏହାର ବିଭିନ୍ନ ସୋପାନ ଗୁଡ଼ିକୁ କଳ୍ପନା କରିବା ପାଇଁ ଯୋଜନାକାରୀ ତୁମକୁ ସାହାଯ୍ୟ କରିପାରିବେ । ଏହିପରି ଭାବେ ତୁମେ ସମସ୍ତ କାର୍ଯ୍ୟର ଅଂଶ ଗୁଡ଼ିକୁ ଯୁକ୍ତି ସଂଗତ ଭାବେ ଭାଙ୍ଗି କାର୍ଯ୍ୟ କରିପାରିବ ।

(ii) **କଳ୍ପନା :** ଉତ୍ତମ ଯୋଜନା ବିଭିନ୍ନ କଳ୍ପନା ଗୁଡ଼ିକୁ ସମୀକ୍ଷା କରିବାରେ ସାହାଯ୍ୟ କରିଥାଏ, ଯେପରି ଜଣେ ଶିକ୍ଷକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ କାର୍ଯ୍ୟରେ ପରିଣତ କଲାବେଳେ ହୋଇଥାଏ ।

(iii) **ଭବିଷ୍ୟତ ପାଇଁ ଉପଯୁକ୍ତ ଦୃଷ୍ଟିକୋଣ :** ଯୋଜନା ତୁମକୁ ବିଭିନ୍ନ ବିଷୟରେ ଯଥା ପରିବେଶ ଓ ସାମାଜିକ ଦିଗ ଉପରେ ମଧ୍ୟ ଯୋଜନା କରିବାକୁ ସମର୍ଥ କରାଇବ ।

ଟିପ୍ପଣୀ



ଟିପ୍ପଣୀ

ନିଜ ଅଗ୍ରଗତି ଆକଳନ -୧

ଯୋଜନା କେଉଁ ମୁଖ୍ୟ ତିନୋଟି କ୍ଷେତ୍ରରେ ସ୍ୱଷ୍ଟତା ଆଣିଥାଏ ଲେଖ । . .

.......................................................................................

.......................................................................................

.......................................................................................

.......................................................................................

## ୭.୩ ଯୋଜନାର ସୋପାନ ସମୂହ :

"ଘଣ୍ଟା ବାଜିଲା । ବାଳକମାନେ ନିଜର ଶ୍ରେଣୀକକ୍ଷକୁ ପ୍ରବେଶ କଲେ । ପ୍ରଧାନ ଶିକ୍ଷକ ମୋତେ ମୋ ଶ୍ରେଣୀଗୃହକୁ ନେଇ ଅନ୍ୟ ପିଲା ମାନଙ୍କ ସହ ପରିଚିତ କରାଇଲେ ।

"ସେ କହିଲେ, ବାଳକମାନେ ଶୁଣ, 'ବର୍ତ୍ତମାନଠାରୁ, ଶ୍ରୀଯୁକ୍ତ ଲକ୍ଷ୍ମୀରାମ, ତୁମ ଶ୍ରେଣୀ ଶିକ୍ଷକ ହେବେ । ତୁମେ ତାଙ୍କ ଆଦେଶ ମାନିବ ଓ କୌଣସି ପରିହାସପୂର୍ଣ୍ଣ କାର୍ଯ୍ୟ କରିବ ନାହିଁ ବା ଝଗଡା ସୃଷ୍ଟି କରିବ ନାହିଁ, ମୁଁ ତୁମମାନଙ୍କୁ ସତର୍କ କରିଦେଉଛି !"

ମୁଁ ପିଲାମାନଙ୍କୁ ଦେଖିଲି ଯେଉଁମାନେ କି ପରବର୍ତ୍ତୀ ବାରମାସ ମୋ ଦାୟିତ୍ୱରେ ରହିବେ । ମୁଁ ଦେଖିଲି ସେମାନଙ୍କ ମଧ୍ୟରୁ କିଛି ଜଣ ହସୁଛନ୍ତି; କିଛିଜଣ ଆଖିରେ ଠରାଠରି ହେଉଛନ୍ତି; କେତେକ ଧିରେଧିରେ ମୁଣ୍ଡ ହଲାଉଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଦି'ଜଣ ମତେ ପରିହାସପୂର୍ବକ ବିସ୍ମୟ ହୋଇ ଚାହିଁ ରହିଥିଲେ; ଅବଶିଷ୍ଟ ପିଲାମାନେ ଉଦ୍‌ବେଗ ପ୍ରକାଶ କରି ଠିଆହୋଇ ଚାହିଁ ରହିଥିଲେ ।

ମୁଁ ସେମାନଙ୍କ ଉପରେ ଆଖିପକେଇଲି, "ଏହିସବୁ ପିଲାମାନଙ୍କୁ ମତେ ପଢାଇବାକୁ ପଡିବ; ଏମାନେ ବିଚିତ୍ର, ଚଗଲା !" ମୁଁ ନିଜେନିଜେ ଭାବିଲି । ମତେ ଟିକେ ଡର ଲାଗିଲା, କିନ୍ତୁ ମୁଁ ନିଜକୁ ସମ୍ଭାଳି ନେଲି । "କିଛି ବ୍ୟସ୍ତ ହେବାର ନାହିଁ, "ମୁଁ ନିଜକୁ ନିଜେ କହିବାକୁ ଲାଗିଲି, ଆସ୍ତେ ଆସ୍ତେ ମୁଁ ସେମାନଙ୍କୁ ସମ୍ଭାଳି ନେବି ।

ମୁଁ ଗତ ରାତିରେ ପଢା ବିଷୟରେ ପ୍ରସ୍ତୁତ କରିଥିବା ସଂକ୍ଷିପ୍ତ ବିବରଣୀ ମୋ ପକେଟରୁ ବାହାର କଲି; ଆଉ ମୁଁ ବନେଇଥିବା ତାଲିକା ଉପରେ ଥରେ ଆଖି ବୁଲାଇଲି ।

ପ୍ରଥମେ, ନିରବତାର ଖେଳଟିଏ, ତାପରେ ଶ୍ରେଣୀ ଗୃହର ପରିଷ୍କାର ପରିଚ୍ଛନ୍ନତା ପରିଦର୍ଶନ କରିବା, ତାପରେ ପିଲାମାନଙ୍କ ସହିତ ସମବେତ କଣ୍ଠରେ ସଙ୍ଗୀତ ଗାନ କରିବା ଏବଂ ପରିଶେଷରେ, ପିଲାମାନଙ୍କ ସହିତ ବାର୍ତ୍ତାଳପ କରିବା, ଭାବର ଆଦାନ ପ୍ରଦାନ କରିବା ।

ମୁଁ ମୋ ଛାତ୍ରଛାତ୍ରୀମାନଙ୍କୁ କହିଲି, "ଚାଲ ଗୋଟିଏ ନିରବତା ଥିଲା ଭଳି ଖେଳଟିଏ ଖେଳିବା । ମୁଁ ଯେତେବେଳେ 'ଓଁ ଶାନ୍ତି' ବୋଲି କହିବି ତୁମେ ସମସ୍ତେ ଚୁପ୍ ରହିବ । ତାପରେ ମୁଁ କବାଟ ବନ୍ଦ କରିବି । ଶ୍ରେଣୀ ଗୃହ ଅନ୍ଧକାର ହୋଇଯିବ । ଯେତେ ପର୍ଯ୍ୟନ୍ତ ଶ୍ରେଣୀଗୃହ ଶାନ୍ତଥିବ, ଆମେମାନେ ବାହାରୁ ଆସୁଥିବା ଶବ୍ଦ ଏବଂ ଆମ ଚତୁପାର୍ଶ୍ୱରୁ ଆସୁଥିବା ଶବ୍ଦ ସବୁ ଶୁଣିପାରିବା । ଏହା ବହୁତ ମଜାଦାୟକ । ତୁମେମାନେ ମାଛି

ଟିପ୍ପଣୀ

ଉଡୁଥିବା ଶବ୍ଦ ବି ଶୁଣି ପାରିବ, ଏପରିକି ନିଜ ଶ୍ୱାସକ୍ରିୟାର ଶବ୍ଦକୁ ମଧ୍ୟ ଶୁଣିପାରିବ । ତାପରେ ମୁଁ ଗୋଟିଏ ଗୀତ ଗାଇବି । ତୁମେମାନେ ତାକୁ ଶୁଣିବ ।"

ମୁଁ କହିବା ଶେଷ କଲି ଏବଂ ତାପରେ ଖେଳଟି ଆରମ୍ଭ କଲି । 'ଓଁ ଶାନ୍ତି' ମୁଁ କହିଲି । କିନ୍ତୁ ବାଳକମାନେ କଥାବାର୍ତ୍ତା ହେବା ଜାରିରଖିଲେ ଏବଂ ନିଜ ଭିତରେ ଟଣା ଓଟରା ମଧ୍ୟ ହେଲେ । 'ଓଁ ଶାନ୍ତି' ! ମୁଁ ବାରମ୍ବାର କହିଲି କିନ୍ତୁ ଏହାର କୌଣସି ପ୍ରଭାବ ପଡିଲା ନାହିଁ । ମୁଁ ଟିକେ ଅଶାନ୍ତ ହୋଇଉଠିଲି । ମୁଁ ସେମାନଙ୍କୁ ବନ୍ଦ କରିବା ପାଇଁ ଚିତ୍କାର ନ କରି, କିପରି ସେମାନଙ୍କ ଅଜ୍ଞାନତାକୁ ଦୁର କରିହେବ ଭାବିଲି । ତେଣୁ ମୁଁ ଯାଇ କବାଟ ଝରକା ବନ୍ଦ କଲି, ସେଇ ଖେଳଟିକୁ ବଜାୟ ରଖିଲି । ଏହାପରେ ଶ୍ରେଣୀ ଗୃହଟି ଅନ୍ଧକାରାଚ୍ଛନ ହୋଇଗଲା । ତାପରେ ପିଲାମାନେ ନିଜନିଜର ଖେଳ ଆରମ୍ଭ କରିଦେଲେ । କେତେ ଜଣ ଅତି ଧିରେଧିରେ ଗୁଣୁଗୁଣୁ ହେବାକୁ ଲାଗିଲେ । କେତେ ଜଣ ବିଲେଇ ଭଳି ବୋବାଇବାକୁ ଲାଗିଲେ । କିଛି ନିଜର ପାଦକୁ ତଳେ ବାଡେଇ ଶବ୍ଦ ଉତ୍ପନ୍ନ କରିବାକୁ ଲାଗିଲେ । ଜଣେ ତାଳି ବାଡେଇଲା, ତାକୁ ଅନୁକରଣ କରି ସମସ୍ତେ ତାଳି ବାଡେଇବାକୁ ଲାଗିଲେ । ଅନ୍ୟମାନେ ହସିବାକୁ ଲାଗିଲେ । ମୁଁ ଏସବୁ ଦେଖି ନିଜକୁ ଟିକେ ଅପ୍ରସ୍ତୁତ ଭଳି ଅନୁଭବ କଲି । ମୋ ମନ ଦୁଃଖ ଲାଗିଲା । ମୁଁ କବାଟ ଝରକା ସବୁ ଖୋଲିଦେଇ କିଛି ସମୟ ପାଇଁ ବାହାରକୁ ଚାଲିଗଲି, ପୁନର୍ବାର ମୁଁ ଯେତେବେଳେ ଫେରି ଆସିଲି ସେତେବେଳେ ଶ୍ରେଣୀ ଗୃହଟି କୋଳାହଳପୂର୍ଣ୍ଣ ହୋଇଉଠିଲା । ପିଲାମାନେ 'ଓଁ ଶାନ୍ତି' ବୋଲି କହି ଉଠିଲେ ଓ ନିଜନିଜ ଭିତରେ ମୁଁ କହିଥିବା ଶବ୍ଦକୁ ନେଇ ପରିହାସ କରିବାକୁ ଲାଗିଲେ । ଅନ୍ୟ କେତେ ଜଣ ଝରକା ବନ୍ଦ କରିବାକୁ ଲାଗିଲେ ।

ମୁଁ ଭାବିଲି, "ମୁଁ ପ୍ରସ୍ତୁତ କରିଥିବା ସଂକ୍ଷିପ୍ତ ବିବରଣୀ ସବୁ ପ୍ରକୃତରେ କରିବା ସମ୍ଭବ ନୁହେଁ", ଘରେ ବସି ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିବା ସହଜ ଏବଂ ଶିକ୍ଷା ବିଷୟରେ ଭାବିବା ମଧ୍ୟ । କିନ୍ତୁ ବାସ୍ତବରେ ବଡ କଷ୍ଟକର କାମ । ଏହି ଭଳି ବୟସ ସୀମା ଥିବା ଦଳ ସହିତ ନିରବତାର ଖେଳଟି ଖେଳିବା ବଡ ହାସ୍ୟାସ୍ପଦ ଥିଲା, ଯାହା ଦ୍ୱାରା କି ପରିବେଶଟି କୋଳାହଳପୂର୍ଣ୍ଣ ଏବଂ ବିଶୃଙ୍ଖଳିତ ହୋଇଗଲା । ଏବେ ମୁଁ ଏକ ନୂତନ ଧରଣର କାମ ଆରମ୍ଭ କରିବି ଯେଉଁ ସବୁ ସ୍ଥାନରେ ମୁଁ ଭୁଲ୍‌ଥିଲି । ଏହି ବିଫଳତା ଏକ ପ୍ରକାର ଭଲଥିଲା, ଯେହେତୁ ଏହା ମୋର ପ୍ରଥମ ସୋପାନ ଥିଲା । ଆସନ୍ତା କାଲି ମୁଁ ଏକ ନୂତନ ପଦକ୍ଷେପ ପାଇଁ ଚେଷ୍ଟା କରିବି ।

ମୁଁ କହିଲି, "ବାଳକମାନେ, ଆମେମାନେ ଆଜି ଆଉ ପାଠପଢିବା ନାହିଁ । ଆମେ କାଲି ଦେଖାହେବା, ଆଜି ତୁମମାନଙ୍କୁ ଛୁଟି ଦିଆହେଲା ।

'ଗୋଟିଏ ଦିନ ବନ୍ଦ' ଯେମିତି ପିଲାମାନେ ଶୁଣିଛନ୍ତି ସଙ୍ଗେସଙ୍ଗେ "ଛୁଟି ଦିନ" କହି ପିଲାମାନେ ପାଟି କରିବାକୁ ଲାଗିଲେ ଏବଂ ଶ୍ରେଣୀର ବାହାରକୁ ଚାଲିଗଲେ । ସେମାନେ ଏପରି ଦୌଡିଲେ ଏବଂ ଖୁସିରେ ଡେଇଁବାକୁ ଲାଗିଲେ ଯେ, ଶିକ୍ଷକ ଓ ଅନ୍ୟ ଶ୍ରେଣୀର ଛାତ୍ରଛାତ୍ରୀମାନେ ଦେଖି ଆଶ୍ଚର୍ଯ୍ୟ ହେବାକୁ ଲାଗିଲେ ।

ଏହି ଘଟଣା ଅଧ୍ୟୟନଟି ଗିଜୁ ଭାଇ ବାଢେକାଙ୍କ ଦ୍ୱାରା ଲିଖିତ ଜଣାଶୁଣା ଶିକ୍ଷା ବିଜ୍ଞାନ ପୁସ୍ତକ 'ଦିବାସ୍ୱପ୍ନ'ରୁ ଆସିଛି । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ହେଉଛନ୍ତି ଜଣେ ଉତ୍ସାହୀ ଶିକ୍ଷକ ଏବଂ ଶ୍ରେଣୀ ଗୃହରେ ଏକ ନୂତନ ଶିକ୍ଷା ପ୍ରଣାଳୀକୁ ପରିଚିତ କରାଇବାକୁ ଚାହୁଁଥିଲେ । କିନ୍ତୁ, ପ୍ରଥମ ଦିନରେ ହିଁ ତାଙ୍କ ଉପାୟ ବିଫଳ ହୋଇଥିଲା । ସେହି ଦିନର ଶେଷରେ ସେ ଭାବିଲେ ଯେ କ'ଣ ଭୁଲ ହେଲା ।

ସେ, ତାଙ୍କ ଯୋଜନା ବିଫଳ ହେବାର ସମ୍ଭବପର କାରଣ ଗୁଡିକର ଏକ ତାଲିକା ପ୍ରସ୍ତୁତ କଲେ (ଶ୍ରେଣୀରେ ତାଙ୍କର ପ୍ରଥମ ଦିନ) । ଏହା ନିମ୍ନରେ ଦିଆଗଲା ।

ଟିପ୍ପଣୀ

- କୌଣସି ଯୋଜନା କରିବା ପୂର୍ବରୁ ଜଣେ ଶିକ୍ଷାର୍ଥୀ ଓ ପ୍ରଚଳିତ ଶିକ୍ଷଣ ଏବଂ ବାତାବରଣ ବିଷୟରେ ଜାଣିବା ଉଚିତ୍ ।
- ଯୋଜନାଟି ପିଲାମାନଙ୍କ ବୟସ ଏବଂ ଆଗ୍ରହକୁ ଆଖିଆଗରେ ରଖି ହେବା ଆବଶ୍ୟକ ।
- ଶିକ୍ଷଣ - ଶିକ୍ଷାଦାନ ପଦ୍ଧତି ମଧ୍ୟ, ବହିର ବିଷୟ ବସ୍ତୁ ସହିତ  ସମାନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, ତେଣୁ ଏକ  ଭଲ ଯୋଜନା ଦୁଇଟି ଯାକ ଉପରେ ଗୁରୁତ୍ୱ ଦେବା ଉଚିତ୍ ।
- ଏକ ପାଠଯୋଜନା ଶିକ୍ଷାର୍ଥୀ ମାନଙ୍କ ପାଇଁ ଆହ୍ୱାନ ମୂଳକ ହେବା ଉଚିତ୍, ଏହା ଶିକ୍ଷଣକୁ ସକରାତ୍ମକ ଦିଗରେ ଅଗ୍ରସର କରାଏ ।
- ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତିପାଇଁ, ଛୋଟ ପିଲାଙ୍କ ସହିତ କାର୍ଯ୍ୟକରିବା ଆହ୍ୱାନ ମୂଳକ ହୋଇଥାଏ ।
- ଏକ ଭଲ ଯୋଜନାର ବିକଳ୍ପ ରହିବା ଉଚିତ୍ ।

ଲକ୍ଷ୍ମୀ ନାରାୟଣଙ୍କ ଭଳି ପ୍ରାୟ ସବୁ ଶିକ୍ଷକମାନେ ଉତ୍କଣ୍ଠା ଏବଂ ଆହ୍ୱାନମୂଳକ ପରିସ୍ଥିତିକୁ ସାମନା କରିଥାନ୍ତି । ଏକ ଉତ୍ତମ ଯୋଜନା ଫଳପ୍ରଦ ସାଧନୀ ଭାବେ ଆହ୍ୱାନ ଗୁଡ଼ିକୁ ପରିଚାଳନା କରିଥାଏ ।  ଏକ ପାଠ ଯୋଜନା ସହାୟକଙ୍କର ରାସ୍ତା ମାନଚିତ୍ର ଯାହା ଶ୍ରେଣୀ ସମୟରେ ଫଳପ୍ରଦ ଭାବେ ପଢାଯିବ ଓ ଶିକ୍ଷା ଦାନ କରାଯିବା ଆବଶ୍ୟକ । ଗୋଟିଏ ଫଳପ୍ରଦ ପାଠ ଯୋଜନା ପ୍ରସ୍ତୁତ ପ୍ରକ୍ରିୟାରେ କେତେକ ନ୍ୟୁନତମ ସୋପାନ ଅନୁସରଣ କରିବା ଆବଶ୍ୟକ । ତୁମେ ଏ ସବୁ ବିଷୟରେ ଭାଗ ୧ ଏବଂ ୨ ରେ ପଢିସାରିଥିବ । ଚାଲ ଆଉଥରେ ସେଗୁଡ଼ିକୁ ମନେପକାଇବା ।

- ଶିକ୍ଷାଦାନ ପ୍ରସଙ୍ଗ :- ଯେଉଁ ପ୍ରସଙ୍ଗ ପଢାଯିବ ତାହାର ମୁଖ୍ୟ ଶିକ୍ଷଣ ବିନ୍ଦୁଗୁଡ଼ିକ ଚିହ୍ନଟ ହେବା ଆବଶ୍ୟକ ।
- ଶିକ୍ଷଣ ଉଦ୍ଦେଶ୍ୟ ନିର୍ଦ୍ଦିଷ୍ଟ କରିବା:- ଦ୍ୱିତୀୟ ପଦକ୍ଷେପ ହେଉଛି, ଶିକ୍ଷାଦାନ ବିନ୍ଦୁ ଆଧାରିତ ଗୋଟିଏ ପାଠ / ଏକାଧିକ ପାଠ ପାଇଁ ଶିକ୍ଷଣ ଉଦ୍ଦେଶ୍ୟ ଚିହ୍ନଟ କରିବା ।
- ଉପକ୍ରମ ଏବଂ ନିର୍ଦ୍ଦିଷ୍ଟ ଶିକ୍ଷଣ କାର୍ଯ୍ୟର ଯୋଜନା :- ମୁଖ୍ୟ ଶିକ୍ଷଣ ଉଦ୍ଦେଶ୍ୟ ଗୁଡ଼ିକ କଣ - ଜ୍ଞାନ, ବୋଧ, ପ୍ରୟୋଗ, କୌଶଳ, ମନୋବୃତ୍ତି ଇତ୍ୟାଦି ଏଗୁଡିକ ଉପଯୁକ୍ତ ଭାବେ ସଂପାଦାନ କରିବା ପାଇଁ ସବୁଠାରୁ ଉପଯୁକ୍ତ ଶିକ୍ଷାଦାନ-ଶିକ୍ଷଣ ପ୍ରଣାଳୀ ଗୁଡ଼ିକ କଣ ? ପୂର୍ବ ପାଠ ସହ ଏହି ପାଠକୁ କିପରି ସଂଯୋଜିତ କରିବା ? ଯଦି ଏକ ପ୍ରସଙ୍ଗ ପଢାଇବାକୁ ହୁଏ, ତେବେ ଏହାକୁ କିପରି ପରିଚିତ କରାଇବା ?
- ପାଠ ଯୋଜନା ଉପସ୍ଥାପନ କରିବା:- ତୁମ ଶିକ୍ଷାର୍ଥୀମାନଙ୍କୁ ଜାଣିବାକୁ ଦିଅ ଯେ ସେମାନଙ୍କ ଶ୍ରେଣୀରେ କଣ ଶିଖିବାକୁ ଓ କରିବାକୁ ହେବ । ଏହା ସେମାନଙ୍କୁ ଅଧିକ ନିୟୋଜିତ ଓ ଶିକ୍ଷଣରେ ଧରି ରଖିବାକୁ ସାହାଯ୍ୟ କରିବ ।
- ଶିକ୍ଷଣ ଓ ବୋଧଗମ୍ୟତା ଆକଳନ ପାଇଁ ଯୋଜନା:- ଛାତ୍ରଛାତ୍ରୀମାନେ ଶ୍ରେଣୀ ଗୃହରେ ଆରାମରେ ପଢୁଛନ୍ତି କି ନାହିଁ ଏବଂ ପ୍ରତ୍ୟେକ ପିଲାର ଶିକ୍ଷଣକୁ ଠିକ ସାହାଯ୍ୟ ମିଳୁଛି କି ନାହିଁ ତାହା ତୁମେ କିପରି ଜାଣିବ ?

- ଉନ୍ନତ ଧରଣ ପରିସମାପ୍ତି ଓ ପ୍ରାକ୍‌ଦର୍ଶନ:- ତୁମେ ପୁନଃସ୍ମରଣ ପାଇଁ କେଉଁ ସବୁ ଯୋଜନା କରୁଛ ? କେଉଁ ମୁଖ୍ୟ ବାର୍ତ୍ତା / ଶିକ୍ଷଣ / ଧାରଣାଗୁଡିକୁ ପିଲାମାନେ ପ୍ରଦର୍ଶନ କରିବେ ଓ ପରବର୍ତ୍ତୀ ସମୟରେ ମନେ ପକାଇବେ ।
- ବାସ୍ତବବାଦୀ ସମୟ ରେଖା ପ୍ରସ୍ତୁତ କରିବା:- ବର୍ତ୍ତମାନ ସବୁଠୁ ଦୁର୍ଲ୍ଲଭ ସମ୍ବଳ ହେଉଛି ଆନୁଷ୍ଠାନିକ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଗୁଡିକ ଯାହା ସମୟ ଦ୍ୱାରା ସୀମିତ ଅଟେ । ଗୋଟିଏ ଫଳପ୍ରଦ ପାଠଯୋଜନା ସମୟ ଉପରେ ଗୁରୁତ୍ୱ ଦିଏ ।
- ପାଠ ଯୋଜନା ଉପସ୍ଥାପନା କରିବା : ତୁମ ଶିକ୍ଷାର୍ଥୀମାନଙ୍କୁ ଜାଣିବାକୁ ଦିଅ ଯେ ସେମାନେ ଶ୍ରେଣୀରେ କ'ଣ ଶିଖିବାକୁ ଓ କରିବାକୁ ହେବ । ଏହା ସେମାନଙ୍କୁ ଅଧିକ ନିୟୋଜିତ ଓ ଶିକ୍ଷଣରେ ଧରି ରଖିବାକୁ ସାହାଯ୍ୟ କରିବ ।
- ପାଠ ଯୋଜନା ଅନୁସାରେ କାମ କରିବା :- ଅନେକଗୁଡିଏ କାରଣ ପାଇଁ ତୁମେ ପ୍ରସ୍ତୁତ କରିଥିବା ପାଠ ଯୋଜନା ଉପଯୁକ୍ତ ଭାବେ କାମ ନ କରିପାରେ । ତୁମେ ହତୋତ୍ସାହିତ ନହେବା ଉଚିତ୍ - ଏହା ଅଧିକ ଅଭିଜ୍ଞ ଶିକ୍ଷକଙ୍କ ସହିତ ମଧ୍ୟ ଘଟିଥାଏ ! ପ୍ରତି କ୍ଲାସ ନେଇ ସାରିବା ପରେ କିଛି ସମୟ ନେଇ ଭାବ, କେଉଁଟି ଭଲହେଲା ଓ କାହିଁକି ଏବଂ ତୁମେ କ'ଣ ଭିନ୍ନ ପ୍ରକାର କରିପାରିବ ।

**ନିଜ ଅଗ୍ରଗତି ଆକଳନ-୨**

(କ) ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣ ଯୋଜନା କଲାବେଳେ ନ୍ୟୁନତମ ଭାବେ କେଉଁ ସୋପାନ ଗୁଡିକ ଅନୁସୃତ ହେବ ଉଲ୍ଲେଖ କର ।

..............................................................................................

..............................................................................................

..............................................................................................

## ୭.୪ ପରିବେଶ ଅଧ୍ୟୟନ ପାଠଗୁଡିକର ଯୋଜନା

ଉପରୋକ୍ତ ପଦକ୍ଷେପ ଓ ଧାରଣାଗୁଡିକ ସାଧାରଣତଃ ପାଠ ଯୋଜନା ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ । କେଉଁ ଗୁଡିକ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦିଗ, ଯାହା ପାଠ ଯୋଜନା ପ୍ରସ୍ତୁତ କରିବାରେ ନିର୍ଣ୍ଣାୟକ ହୋଇଥାଏ, ତାହା ଏନ.ସି.ଏଫ ୨୦୦୫ ସିଲାବସରେ ଦିଆଯାଇଛି । ଭାଗ ୧ରେ ତୁମେ ଶିଖିଛ ଯେ ସିଲାବସ ଶିଶୁ କୈନ୍ଦ୍ରିକ ପନ୍ଥାରେ ବିକଶିତ ହୋଇଛି କାରଣ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ଅନୁଭୂତି ଆଧାରରେ ଜ୍ଞାନ ଗଠନ କରେ । ତୁମେମାନେ ପଢିଛ ଯେ ପରିବେଶ ଅଧ୍ୟୟନ ହେଉଛି ସମିଶ୍ରିତ ଅଞ୍ଚଳର ଅଧ୍ୟୟନ, ଏହା ଅଧିକ ଶୃଙ୍ଖଳିତ, ଗତିଶୀଳ ଏବଂ ଶିକ୍ଷାର୍ଥୀର ବାସ୍ତବ ଜୀବନ ପରିସ୍ଥିତି ଏବଂ ପରିବେଶ ସହିତ ଜଡିତ । ପରିବେଶ ଅଧ୍ୟୟନ ମନୋବୃତ୍ତି ଓ ଗଠନ ମୂଲ୍ୟବୋଧ ବ୍ୟବହାରର ପରିବର୍ତ୍ତନ ଏବଂ ଦକ୍ଷତା ବିକାଶରେ କେନ୍ଦ୍ରିଭୂତ ହୋଇଥାଏ । ତେଣୁ ବର୍ଷରେ ଯେତେବେଳେ ଯୋଜନା କରାଯାଏ ଏବଂ ଗୋଟିଏ ଶିକ୍ଷା ବର୍ଷରେ ପଢା ଯିବାକୁ ଥିବା ପାଠ କଥା ବିଚାର କରାଯାଏ, ସେତେବେଳେ ନିମ୍ନୋକ୍ତ ସାଧାରଣ ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡିକୁ ମନ ମଧ୍ୟରେ ରଖିବା ଦରକାର ।



ଟିପ୍ପଣୀ

- ଯେଉଁ ଶିକ୍ଷଣ ଉଦ୍ଦେଶ୍ୟ ଗୁଡିକ ଜ୍ଞାନ, ମୂଲ୍ୟବୋଧ, ମନୋବୃତ୍ତି ଏବଂ କୌଶଳ ବଢାଇବାରେ ସଂପର୍କିତ ସେଗୁଡିକୁ ପ୍ରାଧାନ୍ୟ ଦେଇ ନିଅ ।
- ପରିବେଶ ଅଧ୍ୟୟନ ଯୋଜନା ପରିକଳ୍ପନାର ମୂଳ ହେଉଛି ଯେଉଁସବୁ ଶିକ୍ଷାଦାନ - ଶିକ୍ଷଣ ପ୍ରଣାଳୀ ଓ ପନ୍ଥା ବାସ୍ତବ ଜୀବନ ଅନୁଭୂତିକୁ ଶ୍ରେଣୀ କକ୍ଷକୁ ଆଣିଥାଏ ଏବଂ ଜଟିଳ ଚିନ୍ତନ ପାଇଁ ପ୍ରୋତ୍ସାହିତ କରିଥାଏ ।
- ଯେତେବେଳେ ଏବଂ ଯେଉଁଠି ସମ୍ଭବ, ଉପଯୁକ୍ତ ଭାବରେ ସେହି ପଦ୍ଧତି ସବୁ ବାଛ ଯେଉଁ ଗୁଡିକ କେବଳ ଅଂଶଗ୍ରହଣରେ ସମୀତ ନରହି ପିଲାମାନଙ୍କୁ ଆବିଷ୍କାର, ଅନୁସନ୍ଧାନ ଏବଂ ତତ୍କାଳ ପରିବେଶକୁ ବିନିଯୋଗ କରିବା ପାଇଁ ଉତ୍ସାହିତ କରିଥାଏ – ଯାହା ସାମାଜିକ ସର୍ବୋପରି ପ୍ରାକୃତିକ ।
- ପରିବେଶ ଅଧ୍ୟୟନର ଆକଳନ ଯୋଜନା ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟ, ସେମାନଙ୍କ ସାମାଜିକ ଓ ଶିକ୍ଷଣ ପ୍ରସଙ୍ଗ ଉପରେ ଅଧିକ ଗୁରୁତ୍ୱ ଆରୋପ କରିବା ଉଚିତ୍ ।

ନିମ୍ନରେ ପରିବେଶ ଅଧ୍ୟୟନ ପାଠ ଯୋଜନାର ନମୂନା ଦିଆଯାଇଛି:

**ପାଠଯୋଜନା**

**ଶ୍ରେଣୀ : ତୃତୀୟ** **ସମୟ: ୪୦ ମିନିଟ୍**

**ବିଷୟ: ପରିବେଶ ଅଧ୍ୟୟନ**

**ଆଲୋଚ୍ୟ ବିଷୟ:** ମନୁଷ୍ୟକୃତ ଏବଂ ପ୍ରାକୃତିକ ବସ୍ତୁ, ଜୀବ ଏବଂ ନିର୍ଜୀବ ବସ୍ତୁ (ଆମ ଚତୁଃପାର୍ଶ୍ୱରେ ଥିବା ବସ୍ତୁ)

**ଶିକ୍ଷଣ ବିନ୍ଦୁ :** ମନୁଷ୍ୟକୃତ, ଏବଂ ପ୍ରାକୃତିକ ବସ୍ତୁ, ଜୀବ ଏବଂ ନିର୍ଜୀବ ବସ୍ତୁ

**ଶିକ୍ଷଣ ଉଦ୍ଦେଶ୍ୟ :** ଛାତ୍ରଛାତ୍ରୀମାନେ ମନୁଷ୍ୟ କୃତ ଏବଂ ପ୍ରାକୃତିକ ବସ୍ତୁର ଉଦାହରଣ ଦେଇ ସଂଜ୍ଞା ନିରୂପଣ କରିବାରେ ସକ୍ଷମ ହେବେ ।

- ଛାତ୍ରଛାତ୍ରୀମାନେ ଜୀବ ଏବଂ ନିର୍ଜୀବ ବସ୍ତୁମାନଙ୍କର ଲକ୍ଷଣ କହିପାରିବେ ।
- ଛାତ୍ରଛାତ୍ରୀମାନେ ଜୀବ ଓ ନିର୍ଜୀବ ମାଧମରେ ଥିବା ପାର୍ଥକ୍ୟ ଦର୍ଶାଇବେ ।
- ସେମାନଙ୍କର ବିଦ୍ୟାଳୟ କିମ୍ୱା ଘର ପରିବେଶରୁ କିଛି ଜୀବ କିମ୍ୱା ନିର୍ଜୀବ ବସ୍ତୁମାନଙ୍କୁ ସଂଗ୍ରହ କରିବେ ।
- କିଛି ଜୀବ ଏବଂ ନିର୍ଜୀବ ବସ୍ତୁର ରେଖା ଚିତ୍ର ଅଙ୍କନ କରିବେ ।

**ଶିକ୍ଷାଦାନ ଉପକରଣ:** କଳାପଟା, ଫାନେଲ୍ ବୋର୍ଡ, ବିଭିନ୍ନ ପ୍ରକାରର ବସ୍ତୁ ଯଥା ପଥର, ଫୁଲ, ଗଛ, କଳାପଟା, ଡଷ୍ଟର ଓ ଚକ୍ ଇତ୍ୟାଦି ।

**ପୂର୍ବଜ୍ଞାନ:** ଶୀକ୍ଷାର୍ଥୀମାନେ ତାଙ୍କ ଚତୁଃପାର୍ଶ୍ୱରେ ଥିବା ଜିନିଷ ସହ ସଚେତନ ଥାଆନ୍ତି ସେମାନଙ୍କର ନାମକରଣ କରନ୍ତି ଓ ସେଗୁଡିକର ନାମ ଜାଣନ୍ତି ।



ଟିପ୍ପଣୀ

**ଶିକ୍ଷଣ କୌଶଳ :-** ଆରୋହ ଓ ଅବରୋହ ପନ୍ଥା

**ଉପକ୍ରମ:**

| ପ୍ରଶ୍ନ | ଆଶା କରାଯାଉଥିବା ଉତ୍ତର |
|---|---|
| ■ ପିଲାମାନେ ତୁମେ ଘରେ ଓ ବିଦ୍ୟାଳୟର ପରିବେଶରେ ଦେଖୁଥିବା ଜିନିଷର ନାମ କୁହ ।<br>■ କିଛି ଜିନିଷର ନାମ କୁହ ଯାହା ପ୍ରାକୃତିକ ।<br>■ କିଛି ଜିନିଷର ନାମ କୁହ ଯେଉଁଟାକି ମନୁଷ୍ୟକୃତ ।<br>■ ଆମେ ସେହି ଜିନିଷ ଗୁଡିକୁ କ'ଣ କହିବା | ■ ଗଛ, ସ୍କୁଟର, ବସ୍, ମେଜ, ଚୌକି, ଘର, କୋଠା ଇତ୍ୟାଦି ।<br>■ ପାଣି, ଚାରା, ଆକାଶ, ସୂର୍ଯ୍ୟ ଇତ୍ୟାଦି ।<br>■ କୋଠାଘର, କପଡା, ମେଜ, ଚୌକି, ଚକ ଇତ୍ୟାଦି<br>■ ସମସ୍ୟା ବହୁଳ ପ୍ରଶ୍ନ । |

ଆଜି ଆମେମାନେ ମନୁଷ୍ୟକୃତ ଏବଂ ପ୍ରାକୃତିକ ଜିନିଷ ବିଷୟରେ ପଢିବା ।

| ବିଷୟ ବସ୍ତୁ (ଶିକ୍ଷଣ ବିନ୍ଦୁ) | ଛାତ୍ରଛାତ୍ରୀ-ଶିକ୍ଷକଙ୍କର କାର୍ଯ୍ୟ | ଛାତ୍ରଛାତ୍ରୀ ମାନଙ୍କ କାର୍ଯ୍ୟ |
|---|---|---|
| **ମନୁଷ୍ୟକୃତ ଏବଂ ପ୍ରାକୃତିକ ବସ୍ତୁ** | ଗୁରୁ - ଛାତ୍ର ନିମ୍ନଲିଖିତ ପ୍ରଶ୍ନ ଗୁଡିକ ପଚାରିବେ ।<br>(a) ଚାଲ ଜିନିଷର ଗୋଟିଏ ତାଲିକା ପ୍ରସ୍ତୁତ କରିବା, ଯେଉଁ ଗୁଡିକୁ ଆମେ ଆମର ପରିବେଶରେ ଦେଖୁଥାଉ ।<br>(b) କଳାପଟାରେ ଥିବା ଜିନିଷଗୁଡିକୁ ତାଲିକା କରିବା ପରେ, ଆସ ବାହାର କରିବା କେଉଁ ଗୁଡିକ ମନୁଷ୍ୟକୃତ ଏବଂ ବାକି ସବୁ କାହାଦ୍ଵାରା ନିର୍ମିତ ।<br>(c) ଛାତ୍ର-ଶିକ୍ଷକ, ଛାତ୍ରମାନଙ୍କୁ କହିବେ । ଯେଉଁ ଦ୍ରବ୍ୟଗୁଡିକ ମନୁଷ୍ୟ ଦ୍ଵାରା ତିଆରି କରାଯାଇଛି ତାହାକୁ ମନୁଷ୍ୟକୃତ କୁହାଯାଏ, ଯେଉଁ ଗୁଡିକ ପ୍ରକୃତିରୁ ମିଳେ ତାହାକୁ ପ୍ରାକୃତିକ ଜିନିଷ କୁହାଯାଏ । | ଛାତ୍ରମାନେ ପ୍ରଶ୍ନ ଗୁଡିକର ଉତ୍ତର ଦେବେ ।<br><br>ଫୁଲ, ଗଛ, ସ୍କୁଟର କାର, ଲୋକ, ଜଳ, ପଶୁ, ତାର, ଚୌକି, ମେଜ, ଘଂଟା, ଫଳ, ଚକ୍ ଇତ୍ୟାଦି ।<br>ମନୁଷ୍ୟକୃତ ଜିନିଷର ତାଲିକା:-<br><br>ପ୍ରକୃତି<br><br>ଛାତ୍ରମାନେ ମନୁଷ୍ୟକୃତ ଏବଂ ପ୍ରାକୃତିକ ଜିନିଷର ଅଧିକ ଉଦାହରଣ ଦେବେ । |
| **ଜୀବ ଏବଂ ନିର୍ଜୀବ ବସ୍ତୁ** | ଗୁରୁ ଛାତ୍ର ନିମ୍ନଲିଖିତ ପ୍ରଶ୍ନଗୁଡିକ ପଚାରିବେ ।<br>(a) ଆସ ପୁନର୍ବାର ସେଇ ଜିନିଷ ଗୁଡିକୁ ଦେଖିବା । ଦେଖ - କାହାର ଜୀବନ ଅଛି, କାହାର ନାହିଁ ।<br>(b) କେତେକ ଜୀବନ୍ତ ବସ୍ତୁର ଉଦାହରଣ ଦିଅ ।<br>(c) କାହିଁକି ଏହି ଗୁଡିକୁ ଜୀବନ୍ତ କୁହାଯାଏ । | ଛାତ୍ରମାନେ ପରଖିଥିବା ତାଲିକା ଦେବେ ।<br><br>ମନୁଷ୍ୟ, ବିଲେଇ, ଗଛ, ଚାରା, ଗାଈ ଇତ୍ୟାଦି । ଘୋଡା, ମାଛି, ମଶା, ପକ୍ଷୀ |

ଟିପ୍ପଣୀ

| ବିଷୟ ବସ୍ତୁ (ଶିକ୍ଷଣ ବିନ୍ଦୁ) | ଛାତ୍ରଛାତ୍ରୀ-ଶିକ୍ଷକଙ୍କର କାର୍ଯ୍ୟ | ଛାତ୍ରଛାତ୍ରୀ ମାନଙ୍କ କାର୍ଯ୍ୟ |
|---|---|---|
| | ଗୁରୁ ଛାତ୍ର, ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଜୀବନ୍ତ ଏବଂ ନିର୍ଜୀବ ବସ୍ତୁଗୁଡ଼ିକୁ ଦେଖାଇ ବର୍ଣ୍ଣନା କରିବେ । ଯେଉଁ ଜିନିଷ ଗୁଡ଼ିକ ଶ୍ୱାସକ୍ରିୟା ନିଅନ୍ତି, ଚଳପ୍ରଚଳ, ବଢ଼ନ୍ତି ଏବଂ ପ୍ରଜଜନକ୍ଷମ ସେହି ଗୁଡ଼ିକୁ ଜୀବନ୍ତ ବସ୍ତୁ କୁହାଯାଏ ।<br>ଯେଉଁ ଜିନିଷ ଗୁଡ଼ିକର ଏହି ପରି କ୍ଷମତା ନାହିଁ ସେଗୁଡ଼ିକୁ ନିର୍ଜିବ ବସ୍ତୁ କୁହାଯାଏ । | -କାରଣ ସେମାନେ ଚଳପ୍ରଚଳ, ଶ୍ୱାସକ୍ରିୟା କରିବା ବଢ଼ନ୍ତି ଏବଂ ପ୍ରଜଜନକ୍ଷମ<br>-ଛାତ୍ରଛାତ୍ରୀମାନେ ଏହି ପ୍ରକ୍ରିୟାରେ ଦାୟିତ୍ୱ ପୂର୍ଣ୍ଣଭାବେ ଅଂଶଗ୍ରହଣ କରିବେ ଏବଂ କିଛି ଅଧିକ ଉଦାହରଣ ଦେବେ । |
| **ଜୀବନ୍ତ ବସ୍ତୁର ଲକ୍ଷଣ** | ଜୀବନ୍ତ ବସ୍ତୁଗୁଡ଼ିକର ଉପରୋକ୍ତ ଗୁଣ ଏବଂ ଲକ୍ଷଣ ।<br>ଗୁରୁଛାତ୍ର ଫାନେଲ ବୋର୍ଡ଼ ବ୍ୟବହାର କରି ଏହାକୁ ଛାତ୍ରଛାତ୍ରୀମାନଙ୍କ ସାହାର୍ଯ୍ୟରେ ବାଖ୍ୟା କରିବେ । | -ଛାତ୍ରମାନେ ଜୀବନ୍ତ ବସ୍ତୁର ଲକ୍ଷଣ ଗୁଡ଼ିକୁ ସାଧାରଣୀକରଣ କରିବେ ।<br>(i)ସେମାନେ ଶ୍ୱାସକ୍ରିୟାକରନ୍ତି<br>(ii)ସେମାନେ ଭୋଜନ କରନ୍ତି<br>(iii)ସେମାନେ ଶୁଅନ୍ତି<br>(iv)ସେମାନେ ଚଳକ୍ଷମ<br>(v)ସେମାନେ ବଢ଼ନ୍ତି<br>(vi)ସେମାନେ ପ୍ରଜଜନକ୍ଷମ ଇତ୍ୟାଦି |

"ଏହି ଜିନିଷଗୁଡ଼ିକୁ ମନୁଷ୍ୟ କୃତ କିମ୍ବା ପ୍ରାକୃତିକ ଜିନିଷ କୁହାଯାଏ ଏବଂ ଆଜି ଆମ ଚତୁପାର୍ଶ୍ୱରେ ଥିବା ଜିନିଷ ଗୁଡ଼ିକୁ ଅନୁଧ୍ୟାନ କରିବା ।"

| ଜୀବନ୍ତ ବସ୍ତୁ | ନିର୍ଜୀବ ବସ୍ତୁ |
|---|---|
| ଶ୍ୱାସକ୍ରିୟା | ଶ୍ୱାସକ୍ରିୟା କରନ୍ତି ନାହିଁ |
| ଚଳପ୍ରଚଳ | ଚଳପ୍ରଚଳ ହୁଅନ୍ତି ନାହିଁ |
| ଆକାରରେ ବଢ଼ନ୍ତି | ଆକାରରେ ବଢ଼ନ୍ତି ନାହିଁ |
| ପିଲା ଜନ୍ମ କରନ୍ତି | ପିଲା ଜନ୍ମ କରନ୍ତି ନାହିଁ |

**ନରମ ରେଶମ ପଟା (ଫାନେଲ୍ ବୋର୍ଡ଼)**

**ପୁନଃସ୍ମରଣ**

ଗୁରୁଛାତ୍ରଛାତ୍ରୀମାନଙ୍କୁ ପୂର୍ବରୁ ପ୍ରସ୍ତୁତ ବିବରଣୀରେ ଜୀବନ୍ତ ବସ୍ତୁ ଗୁଡ଼ିକ ଚାରିପାଖରେ ଗୋଲ ବୁଲାଇବାକୁ କୁହିବେ ।

ଗୃହକାର୍ଯ୍ୟ

ଗୁରୁଛାତ୍ର ନିମ୍ନଲିଖିତ ଗୃହକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ଦେବେ ।

ତୁମ ପରିବେଶରେ ଥିବା ଜିନିଷ ଗୁଡିକ ପର୍ଯ୍ୟବେକ୍ଷଣ କର ।

(i) ତୁମ ବିଦ୍ୟାଳୟ ଚାରିପଟେ ଥିବା ୫ଟି ମନୁଷ୍ୟ ତିଆରି ଓ ୫ଟି ପ୍ରକୃତିକ ଜିନିଷର ନାମ ତାଲିକା କର ।

(ii) ତୁମ ପରିବେଶରେ ଥିବା ୫ଟି ଜୀବନ ଥିବା ଓ ୫ଟି ଜୀବନ ନଥିବା ବସ୍ତୁର ତାଲିକା କର ।

(iii) ତୁମ ଟିପା ଖାତାରେ ସେମାନଙ୍କର ଚିତ୍ର ଅଙ୍କନ କର ।

ଟିପ୍ପଣୀ

### ୭.୪.୧ ଦୈନିକ ପାଠଟୀକା

ସେ ଯାହାହେଉନା କାହିଁକି ପାଠ ଯୋଜନା ଗୁଡ଼ିକ ଯୋଜନାରଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଓ ଏହା ବିରକ୍ତି କର ତତ୍‌ସହିତ ଜଟିଳ ମଧ୍ୟ, ଏବଂ ବେଳେବେଳେ କୌଣସି ବଡ ପରିସରକୁ ପୁନରାବୃତ୍ତି କରେ ଯାହାକି ବେଳେବେଳେ ଅଦରକାରୀ ମନେହୁଏ, ଏଣୁ ଜଣେ ଶିକ୍ଷକ ହିସାବରେ, କିଛି ବର୍ଷ ପରେ, ଆମେ ଅନୁଭବ କରିପାରିବା ଯେ ଆମେ ଆନୁଷ୍ଠାନିକ ଭାବେ ବିନା ପାଠ ଯୋଜନାରେ ପଢ଼ାଇପାରିବା ।

ବର୍ଷକ ମଧ୍ୟରେ ପାଠ ଯୋଜନା କାର୍ଯ୍ୟକାରୀ କଲାବେଳେ ପ୍ରତିଫଳିନଗୁଡ଼ିକୁ ଟିପି ରଖିବା ଅଭ୍ୟାସ ଜଣେ ଶିକ୍ଷକଙ୍କ ପାଇଁ ଫଳପ୍ରଦ ପ୍ରମାଣିତ ହୋଇଥାଏ । ପ୍ରତ୍ୟହ ପଢ଼ାଉଥିବା ପାଠ ଟିପି ରଖିଲେ ପାଠ ଯୋଜନା ଉପରେ ସମସ୍ତ ପ୍ରତିପୁଷ୍ଟି ମିଳିଥାଏ ।




ଦୈନିକ ପାଠଟୀକା ବିଭିନ୍ନ ବାଟରେ ପ୍ରସ୍ତୁତ ହୋଇପାରେ । ପାଠ ଯୋଜନା ଫର୍ଦ୍ଦରେ ତୁମର ମନ୍ତବ୍ୟ ପାଇଁ ସ୍ତମ୍ଭଟିଏ ରଖି ପାରିବ; ତୁମେ ତୁମର ଡାଏରୀ ଲେଖିପାର । ତୁମେ ତୁମର ପର୍ଯ୍ୟବେକ୍ଷଣର ବିବରଣୀ ଲେଖି ରଖିପାରିବ ଯେତେବେଳେ ପିଲାମାନେ ସେମାନଙ୍କର କାର୍ଯ୍ୟ କରୁଥାନ୍ତି (ଯେହେତୁ ପାଠ୍ୟ ଯୋଜନାର ଏକ ଅଂଶ) । ବିଶେଷକରି ତୁମେ ଯେତେବେଳେ ପ୍ରଥମ କରି ନିର୍ଦ୍ଧାରିତ ପାଠ ଯୋଜନା ପ୍ରସ୍ତୁତ କରୁଛ, ଏମିତିକି ତୁମେ ଜଣେ ଶିକ୍ଷକଙ୍କୁ ତୁମ ଶ୍ରେଣୀରେ ବସାଇ ତାଙ୍କ ମତାମତ ରଖିବା ପାଇଁ ନିମନ୍ତ୍ରଣ କରିପାରିବ ।

ତୁମର ଦୈନିକ ପାଠଟୀକା ପାଇଁ ଶିକ୍ଷାର୍ଥୀମାନଙ୍କ ପ୍ରତିପୁଷ୍ଟି ମଧ୍ୟ ବହୁ ଦରକାରୀ ।

ଟିପ୍ପଣୀ

## ୭.୫ ବାର୍ଷିକ ପାଠ ଯୋଜନା

ଅଧିକାଂଶ ସମୟରେ ଶିକ୍ଷା ବିଭାଗ ଶିକ୍ଷକମାନଙ୍କ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତ କରନ୍ତି । ଏହା ଆମକୁ ଆମ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରେ । ଏଠାରେ ଆମ ପାଖରେ ବାର୍ଷିକ ଯୋଜନାର ଏକ ସାରଣୀ ଅଛି । ବିଶେଷ କରି ବିଭାଗ କିମ୍ବା ବିଦ୍ୟାଳୟ ସ୍ତରର ଯୋଜନା ପ୍ରଥମ ତିନୋଟି ସ୍ତମ୍ଭରେ ଦିଆଯାଇଛି । କିନ୍ତୁ ଶେଷ ସ୍ତମ୍ଭଟି ଶିକ୍ଷକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

| ମାସ | ବିଷୟବସ୍ତୁ/ ଅଧ୍ୟାୟ | ପାଠ୍ୟ | ଯାହା ସହ ସମ୍ବନ୍ଧ |
|---|---|---|---|
| | | | |
| | | | |

ଯେତେବେଳେ ଆମେ ସହ ସମ୍ବନ୍ଧ ବିଷୟରେ ଆଲୋଚନା କରୁଛେ ଏହାର ଅର୍ଥ –

(i) ପ୍ରକୃତି ସହିତ ସମ୍ବନ୍ଧ ବାର୍ଷିକ ଉତ୍ସବ, ପର୍ବ ପର୍ବାଣି, ଋତୁ ଏବଂ ଅନ୍ୟାନ୍ୟ ପ୍ରାକୃତିକ ଘଟଣାବଳୀ । ଏଠାରେ ଆମ ପାଖେ ଶକୁନ୍ତଳା ଶିକ୍ଷକଙ୍କର ଏକ ଉଦାହରଣ ଅଛି । କୁମାରୀ ଶକୁନ୍ତଳା ଦକ୍ଷିଣ ଭାରତର ଅଟନ୍ତି ଏବଂ ଗୁଜୁରାଟର ଏକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ଉତରାୟଣ, ଗୁଜୁରାଟର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଏବଂ ଗୁଡି ଉଡାଇବା ପର୍ବ ସହିତ ସମ୍ବନ୍ଧିତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ହେଉଛି 'ତିଲକା ଲଡୁ (ରାଶୀ ଲଡୁ) ଖାଇବାର ଅଭ୍ୟାସ । ସେବେ ଠାରୁ ଉତରାୟଣ ଜାନୁୟାରୀ ମାସରେ ପାଳନ କରାଯାଏ । ଗୁଡ ଓ ରାଶୀ, ଏହି ସବୁ ପର୍ବପର୍ବାଣି ଗୁଡିକର ସମ୍ବନ୍ଧ ବ୍ୟତୀତ, ଏହାର ଋତୁ ଜନିତ ସମ୍ବନ୍ଧ ମଧ୍ୟ ରହିଛି । ଉଭୟ ରାଶୀ ଏବଂ ଗୁଡ ଥଣ୍ଡା ଏବଂ କଫ ରୋକିବାରେ ଦରକାରୀ ଅଟେ । ଶକୁନ୍ତଳା ଖାଦ୍ୟର ବିଷୟ ବସ୍ତୁରେ ଏକ ପାଠ ଯୋଜନା ପ୍ରସ୍ତୁତ କରିବାକୁ ଚାହାଁନ୍ତି । ତୁମେ ତାଙ୍କୁ କିପରି ଭାବରେ ସାହାଯ୍ୟ କରିପାରିବ ?

(ii) ଅନ୍ୟାନ୍ୟ ବିଷୟ ସହିତ ସହ-ସମ୍ବନ୍ଧ : ଉଦାହରଣ ସ୍ୱରୂପ:- 'ଜଳ' ଉପରେ ଥିବା ଗୋଟିଏ ବିଷୟର, 'ଗଣିତ ପାଠ' କିମ୍ବା 'ଭାଷା' ପାଠ ବିଷୟ ସହିତ ସମ୍ବନ୍ଧ ଅଛି କି ?

(iii) ଅନ୍ୟାନ୍ୟ ପର୍ଯ୍ୟାୟରେ ସମାନ ବିଷୟ ବସ୍ତୁ ସହିତ ସହ-ସମ୍ବନ୍ଧ : ତୁମେ ଯେପରି ଜାଣ ଯେ, ପରିବେଶ ଅଧ୍ୟୟନ ଶିକ୍ଷାର ପାଠ୍ୟଖସଡା ଛ'ଟି ବଡ ବିଷୟ ବସ୍ତୁ ଦ୍ୱାରା ଗଠିତ ହୋଇଛି ଯାହାକି ସମକେନ୍ଦ୍ରିୟ ବୃତ ଦ୍ୱାରା ବର୍ଦ୍ଧିତ । ତେଣୁ ଏକ ବିଷୟ ବସ୍ତୁ ଥିବା ପାଠର ଅନ୍ୟ ଏକ ପୂର୍ବ ବର୍ଷର କିମ୍ବା ଆସନ୍ତା ବର୍ଷର ପାଠ ସହିତ ସମ୍ପର୍କିତ । ଏପରି ତୁମେ ଜଣେ ଶିକ୍ଷକ ଭାବରେ ଏହା ଗୁରୁତ୍ୱପୂର୍ଣ୍ଣ ନୁହେଁ ଯେ ଛାତ୍ରମାନେ ଏପରି ସଂଯୋଗ ସହିତ ସଚେତନ, କିନ୍ତୁ ଏକ ଶିକ୍ଷକ ହିସାବରେ ତୁମେ ଯେତେବେଳେ ଯୋଜନା ପ୍ରସ୍ତୁତ କରୁଛ ତୁମେ ଜାଣିବା ଉଚିତ୍ ଯେ ଏହି ସିଧା ସଂଯୋଗ ଗୁଡିକ ଏକ ବିଷୟ ବସ୍ତୁ ସହିତ ଜଡିତ ।

(iv) ଅନ୍ୟାନ୍ୟ ବିଷୟ ବସ୍ତୁ ସହିତ ସହ-ସମ୍ବନ୍ଧ : ଉଦାହରଣ ସ୍ୱରୂପ, ବାସଗୃହ ଏହାର ଏକ ପାଠ । ଆମେ ଯେଉଁ ଜିନିଷ ତିଆରି କରୁ ଏବଂ ସମ୍ପାଦନ କରୁ ବିଷୟବସ୍ତୁ ସହିତ ଅତି ମାତ୍ରାରେ ସଂପର୍କିତ ।

ଚାଲ ନିମ୍ନରେ ଥିବା ବୃକ୍ଷ ରୋପଣ କାର୍ଯ୍ୟରେ ଘଟିଥିବା ଘଟଣା ଅନୁଧ୍ୟାନ କରିବା, ଏହା କିପରି ଯୋଜନା କରାଯାଇଥିଲା ?

ରୋଜି ଶିକ୍ଷୟତ୍ରୀ, ଅନୁଭବ କରନ୍ତି ଯେ ପିଲାମାନଙ୍କୁ ବୃକ୍ଷ ଏବଂ ପଶୁମାନଙ୍କର ଗୁରୁତ୍ୱ ବିଷୟରେ ବୁଝାଇବା ଏବଂ ସେମାନଙ୍କ ପ୍ରତି ଭଲପାଇବା ଜନ୍ମାଇବା, ପରିବେଶ ଅଧ୍ୟୟନ ଶିକ୍ଷଣର ଉଦ୍ଦେଶ୍ୟ ଅଟେ ।



ଟିପ୍ପଣୀ

ତେଣୁ ସାଧାରଣତଃ ସେ ତାଙ୍କ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷ ରୋପଣ କରିବା ଏବଂ ସେମାନଙ୍କର ଯତ୍ନ ନେବାକୁ ଉତ୍ସାହିତ କରନ୍ତି ।

ଯେମିତି ସେ ଆସନ୍ତା ବର୍ଷର ଯୋଜନାରେ ଉନ୍ନତି ଆରମ୍ଭ କରନ୍ତି ସେ ଅନୁଭବ କରନ୍ତି ଯେ ଏହା ହେଉଛି ପୂର୍ବ ବର୍ଷର ଏକ କାର୍ଯ୍ୟ ମାତ୍ର । ବୃକ୍ଷରୋପଣ କାର୍ଯ୍ୟ ସଫଳ ହୋଇଛି । କିନ୍ତୁ ଅନେକ ଗଛ ବଂଚି ପାରିଲା ନାହିଁ । ଏଠାରେ ପିଲାମାନଙ୍କର ବୃକ୍ଷ ରୋପଣ କାର୍ଯ୍ୟକୁ ଆକଳନ ପାଇଁ କିଛି ପଦକ୍ଷେପ ନିଆଯାଇ ନଥିଲା । ତେବେ ସେ ଯାହାହେଉନା କାହିଁକି, ରୋଜିଙ୍କର ଦୃଢ ବିଶ୍ୱାସ ଥିଲା ଯେ ଏହି କାର୍ଯ୍ୟ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଏବଂ ଏହା ପିଲାମାନଙ୍କର ସକରାତ୍ମକ ମନୋଭାବ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ତେଣୁ ପ୍ରଶ୍ନ ହେଉଛି କାର୍ଯ୍ୟର ସଂଶୋଧିତ ଯୋଜନା ଏହାକୁ ଅଧିକ ଅର୍ଥପୂର୍ଣ୍ଣ ଏବଂ ଫଳପ୍ରଦ କରିବାରେ ସାହାଯ୍ୟ କରିବ । ତେଣୁ ସେ ସେହି ବର୍ଷ କାର୍ଯ୍ୟକୁ ଭିନ୍ନ ଭାବରେ ଯୋଜନା କଲେ । ବିଦ୍ୟାଳୟ ବର୍ଷର ଆରମ୍ଭରେ, ଜୁନ୍ ଶେଷରେ, ସେ ଛାତ୍ରମାନଙ୍କୁ ସେମାନେ ଜାଣିଥିବା ବୃକ୍ଷ ଗୁଡିକର ତାଲିକା ପ୍ରସ୍ତୁତ କରିବାକୁ କହିଲେ । ତାପରେ ସେ ସେମାନଙ୍କୁ ତାଲିକାରେ ଥିବା ବୃକ୍ଷମାନଙ୍କର ପ୍ରକାର ଭେଦ ଏବଂ ଏକ ପ୍ରକାର ବୃକ୍ଷ ଗୁଡ଼ିକୁ ଗୋଷ୍ଠୀଭୁକ୍ତ କରିବାକୁ କହିଲେ ।

(i) ଛାୟାପ୍ରଦ ବୃକ୍ଷ

(ii) ଔଷଧୀୟ ବୃକ୍ଷ

(iii) ଫଳନ୍ତି ବୃକ୍ଷ

(iv) ପୁଷ୍ପିତ ବୃକ୍ଷ

(v) ଅଳଙ୍କାରିକ ବୃକ୍ଷ

ପରଦିନ, ଛାତ୍ରମାନଙ୍କୁ କୁହାଗଲା ଯେ ସେମାନେ ତାଙ୍କ ପରିବାରରେ ଚର୍ଚ୍ଚା କରି ତାଲିକାରେ ଥିବା କେଉଁ ବୃକ୍ଷ ଗୁଡିକ ବଢିବା ପାଇଁ ଚାହୁଁଛନ୍ତି । ଦୁଇଦିନ ପରେ ଶେଷ ତାଲିକା ପ୍ରସ୍ତୁତ ହେଲା । ସେମାନେ ପ୍ରସ୍ତୁତ କରିଥିବା ଗଛର ତାଲିକାକୁ ନୂତନ ଭାବେ ୫ଟି ଭାଗରେ ଭାଗ କରି ପ୍ରତ୍ୟେକକୁ ଦଣ୍ଡ ଗ୍ରାଫରେ ରଖିବା ପାଇଁ କହିଲେ ।

ପର ସପ୍ତାହରେ ଛାତ୍ରଛାତ୍ରୀମାନଙ୍କୁ ନିକଟସ୍ଥ ଜଙ୍ଗଲ ବିଭାଗର ଚାରା ତିଆରି ସ୍ଥାନକୁ ନିଆଗଲା ଏବଂ ସେମାନଙ୍କର ଆବଶ୍ୟକତା ଥିବା ଗଛଗୁଡିକ ବିଷୟରେ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କ ସହ ଆଲୋଚନା କଲେ । ପରଦିନ ଜଙ୍ଗଲ ବିଭାଗ ସେହି ପରିବାର ଗୁଡିକର ଦରକାରି ଚାରାଗଛ ଗୁଡିକୁ ଯୋଗାଇ ଦେଲା (ଛାତ୍ରମାନଙ୍କର ତାଲିକା ଅନୁସାରେ)। ବିଭିନ୍ନ ପ୍ରଜାତିର ଗଛ ଗୁଡିକର କିପରି ଯତ୍ନ ନେଲେ ସେମାନେ ଭଲଭାବେ ବଢିବେ ସେ ବିଷୟରେ ଆଲୋଚନା କରିବା ପାଇଁ ଏକ ଅଧିବେଶନ ଆୟୋଜନ କରିବା ପାଇଁ ଜଙ୍ଗଲ ବିଭାଗ ପ୍ରତିନିଧିମାନଙ୍କୁ ରୋଜି ଅନୁରୋଧ କଲେ ।

ରୋଜି ବର୍ତ୍ତମାନ ଚାରା ଗଛଗୁଡିକ ବଂଚାଇ ରଖିବା ପାଇଁ ନିଶ୍ଚିତ ହେଲେ ।

ଉପରୋକ୍ତ ଘଟଣା ଅନୁସାରେ, ତୁମେ ତୁମର ନିମ୍ନଲିଖିତ ପ୍ରଶ୍ନ ଗୁଡିକର ଉତ୍ତର ଲେଖି ରଖ ।

(i) ଶିକ୍ଷୟିତ୍ରୀ ରୋଜି ପାଠ ଯୋଜନାରେ କେଉଁ ଭଲ ଦିଗ ନେବା ପାଇଁ ଯତ୍ନଶୀଳ ହୋଇଥିଲେ ?

(ii) ଏହି ଯୋଜନାରେ କେତୋଟି ବିଷୟ ପଢାଯାଇଥିଲା ?

(iii) ଯଦି ତୁମେ ରୋଜି ହୋଇଥାନ୍ତ, ତୁମେ ଭାବୁଛକି ଏହି ଯୋଜନା ଏବଂ ସମ୍ପାଦନ କାର୍ଯ୍ୟଟି, ପରିବେଶ ଅଧ୍ୟୟନ ଶିକ୍ଷାର ଉଦ୍ଦେଶ୍ୟ ଗୁଡିକ ହାସଲ କରିଛି ? କିପରି ?

(iv) ତୁମ ମତରେ, ଏ ବର୍ଷରେ ଗଛ ଗୁଡିକର ବଂଚିବାର ଧାରା ପୂର୍ବବର୍ଷ ତୁଳନାରେ ବଢିଛି କିମ୍ୱା ହ୍ରାସ ପାଇଛି ? କିପରି ?

(v) ବିଷୟ କୈନ୍ଦ୍ରିକ ପରିବେଶ ଅଧ୍ୟୟନ ପାଠ ଯୋଜନା ଗୁରୁତ୍ୱପୂର୍ଣ୍ଣ କାହିଁକି ? ତୁମେ ବାଖ୍ୟା କରିପାରିବ କି ?

ଆରମ୍ଭରୁ ରୋଜିଙ୍କର ନିରବଚ୍ଛିନ୍ନ କାର୍ଯ୍ୟ ଓ ସହଯୋଗୀ ଶିକ୍ଷଣ ଉପରେ ଏକ ପ୍ରଶ୍ନ ଥିଲା । ସେ ଠିକ୍ ଭାବେ ଅନୁଭବ କରିଥିଲେ ଯେ ଆନୁଷ୍ଠାନିକ ଶିକ୍ଷାଦାନ - ଶିକ୍ଷଣ ସୂଚୀର ଅଂଶକୁ ବ୍ୟବସ୍ଥିତ କରିବା ପାଇଁ ଅଧିକ ଯୋଜନା ଆବଶ୍ୟକ । ଯେହେତୁ ଏହା ତାଙ୍କର ପ୍ରଥମ ଚେଷ୍ଟା ଥିଲା, ସେ ଅଧିକ ଚେଷ୍ଟା କରିବା ସହିତ ସେହି କାର୍ଯ୍ୟ ପାଇଁ ଅଧିକ ସମୟ ବିତାଇଥିଲେ କିନ୍ତୁ ପର ବର୍ଷ ପ୍ରସ୍ତୁତି କରିବାର ସମୟ କମି ଯାଇଥିଲା ।

ଏହି ଘଟଣାରେ, ଆମେମାନେ ରୋଜିଙ୍କର ଯୋଜନା ଏବଂ ସମ୍ୱଳ - ସାମଗ୍ରୀ, ବୃକ୍ଷ, ସାଧନ, କର୍ମୀ ଇତ୍ୟାଦିର ପରିଚାଳନା ଉପାୟ ଦେଖିପାରିବା । ସେ ଛାତ୍ରଛାତ୍ରୀମାନଙ୍କର କ୍ଷେତ୍ର ପରିଦର୍ଶନ ସଂଗଠନ ପାଇଁ ଏକ ଯୋଜନାର ଆବଶ୍ୟକତା ଅନୁଭବ କରିଥିଲେ ଏବଂ ସେମାନଙ୍କ ପାଇଁ ଆୟୋଜନ କଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହା ଥିଲା ଯେ ସେ ଆବଶ୍ୟକୀୟ ସ୍ଥାନୀୟ ସମ୍ୱଳ, ଋତୁ, ପରିବାର ଏବଂ ଆଂଚଳିକ ଗୋଷ୍ଠୀ ସହିତ(ପରିବାର ଗୁଡ଼ିକୁ ସର୍ବେକ୍ଷଣ କରି) ସହ ସଂପର୍କ ସ୍ଥାପନ କରି ପାରିଥିଲେ ।

ତୁମେ ଜାଣିଛ, ପରିବେଶ ଅଧ୍ୟୟନ ପାଠ୍ୟ ଖସଡାରେ ୬ଟି ବିଷୟ ବସ୍ତୁ ରହିଛି । ସବୁ ବିଷୟ ବସ୍ତୁ ଗୁଡିକ ତିନୋଟି ବର୍ଷରେ ବିଛା ଯାଇଛି ଏବଂ ତିନୋଟି ଶ୍ରେଣୀରେ ଏଗୁଡ଼ିକ ବିସ୍ତୃତ ଯଥା- ୩, ୪ ଏବଂ ୫ । ତୁମେ ଯେତେବେଳେ ପରିବେଶ ଅଧ୍ୟୟନ ପାଠର ଯୋଜନା କରୁଛ, ଏହିସବୁ ବିଷୟ ଉପରେ ତୁମେ ସୁନିଶ୍ଚିତ ହେବା ଆବଶ୍ୟକ ।

(i) ତୁମ ପାଖରେ ବିଷୟ ଭିତ୍ତିରେ ସଂଗଠିତ ହୋଇ ଏକ ଶିକ୍ଷଣ ଯୋଜନା ରହିଛି ( ସମସ୍ତ - ୬ଟି ପ୍ରସଙ୍ଗ) ଯାହାକି, ତିନୋଟି ବର୍ଷର ଶିକ୍ଷଣ ଅଗ୍ରଗତି ଭାବରେ ଭାଗ ହୋଇଛି । ଉଦାହରଣ ସ୍ୱରୂପ: ଯଦି ତୁମେ ଖାଦ୍ୟ ବିଷୟରେ ଆଲୋଚନା କରୁଛ, ତେବେ ପରିବେଶ ଅଧ୍ୟୟନ ପାଠ୍ୟ ପୁସ୍ତକ ଏପରି ଭାବରେ ବିକାଶ ହୋଇଛି ଯେ, ତୁମେ ସିଧା ଭାବରେ ବିଷୟ ଭିତରେ ଥିବା ମୁଖ୍ୟ ଶିକ୍ଷଣ ବିନ୍ଦୁଗୁଡ଼ିକୁ ୩ ବର୍ଷରେ ପଢ଼ାଇବା ପାଇଁ ସମର୍ଥ ହେବ । ତେଣୁ ଗୋଟିଏ ଯୋଜନା ତୁମକୁ ଦୁଇଟି ଶ୍ରେଣୀ ମଧ୍ୟରେ ସମ୍ପର୍କ ସ୍ଥାପନକୁ ଦେଖିବା ପାଇଁ ସାହାଯ୍ୟ କରିବ ।

(ii ) ବାର୍ଷିକ ଯୋଜନା ଏବଂ ପରବର୍ତ୍ତୀ ପାଠ ଯୋଜନା, ଆଂଚଳିକ ଏବଂ ତତ୍କ୍ଷଣାତ ପରିବେଶ ସଂଯୋଗକୁ ବିଚାର କରିବା ଉଚିତ ଯେପରିକି - ଋତୁ ଜନିତ ବିଭିନ୍ନତା, ଏବଂ ଘଟଣା, ଉତ୍ସବ, ସ୍ଥାନୀୟ ଉତ୍ସବ ଇତ୍ୟାଦି ।

**ନିଜ ଅଗ୍ରଗତି ଆକଳନ-୩**

(a) ପାଠ୍ୟ ଯୋଜନାର ଏକ ଫର୍ଦ୍ଦ / ଢାଞ୍ଚା ତିଆରି କର ।

..................................................................................................

.....................................................................................................

.....................................................................................................

.....................................................................................................

ଟିପ୍ପଣୀ

### ୭.୬ ଅଗ୍ରଗତି, ଅଂଶଗ୍ରହଣ ଓ ସମ୍ବଳର ବ୍ୟବହାର ପାଇଁ ଯୋଜନା

ଯୋଜନା ପରିବେଶ ଅଧ୍ୟୟନ ପାଠ୍ୟକ୍ରମ ଓ ପାଠ୍ୟ ପୁସ୍ତକ ଉପରେ ହୁଏ ବୋଲି ତୁମେ ଆଲୋଚନା କରିଛ । ଯୋଜନା ପାଇଁ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ମୁଖ୍ୟ ପ୍ରସଙ୍ଗିକ ବିନ୍ଦୁ ହୋଇଥାଏ । ଏହାଛଡ଼ା ଆଉ ତିନୋଟି ଦିଗ ରହିଛି ଯେଉଁଗୁଡ଼ିକୁ ଯୋଜନା କରିବା ସମୟରେ ବିଚାରକୁ ନେବାର ଆବଶ୍ୟକତା ରହିଛି । ସେଗୁଡ଼ିକ ହେଉଛି-

(i) **ଛାତଛାତ୍ରୀମାନଙ୍କର ଅଗ୍ରଗତି :-** ଏକ ଶିକ୍ଷକ ଭାବରେ ବିଷୟ ଗୁଡ଼ିକୁ ପଢାଇବା କେବଳ ତୁମର ଭୂମିକା ନୁହେଁ ପରନ୍ତୁ ଶିକ୍ଷଣକୁ ସହଜ କରିବା ତୁମ ଦାୟିତ୍ୱ । ପଞ୍ଚମ ଅଧ୍ୟାୟରେ ତୁମେ ଧାରାବାହିକ ସାମଗ୍ରିକ ମୂଲ୍ୟାୟନର ପ୍ରକ୍ରିୟା ବିଷୟରେ ପଢିଛ । ଏବଂ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ପିଲାର ଶିକ୍ଷଣକୁ ବିଭିନ୍ନ ସମୟରେ ତଦାରଖ କରିବା ଦରକାର । ଅନୁସନ୍ଧାନର ସିଦ୍ଧାନ୍ତ ଅନୁସାରେ ଗୋଟିଏ ଶ୍ରେଣୀର ସେହିବର୍ଷ ପାଇଁ ଶିକ୍ଷାଦାନ ଶିକ୍ଷଣ ଯୋଜନାର ଆଂଶିକ ପରିବର୍ତ୍ତନ ଦରକାର ପଡ଼ିପାରେ । ଏହି ଦୃଷ୍ଟିକୋଣ ପାଇଁ ଶିକ୍ଷକଙ୍କର ଅଭିନବ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ । ତେଣୁ ଗୋଟିଏ ଯୋଜନାକୁ କାର୍ଯ୍ୟକାରୀ କଲାବେଳେ ଛାତ୍ରଛାତ୍ରୀମାନଙ୍କ ଅଗ୍ରଗତି ପ୍ରମୁଖ ସ୍ଥାନ ଗ୍ରହଣ କରିଥାଏ ।

(ii) **ଛାତ୍ରଛାତ୍ରୀମାନଙ୍କର ଅଂଶଗ୍ରହଣ :** ତୁମେ ଜାଣିଛ ପିଲାଙ୍କର ଭିନ୍ନଭିନ୍ନ ପ୍ରକାର ପାଇଁ ଭିନ୍ନଭିନ୍ନ ଶିକ୍ଷଣ ଶୈଳୀ ରହିଛି । ଏଣୁ ତୁମକୁ ଅନେକ ପ୍ରକାର ଶିକ୍ଷଣ ପ୍ରଣାଳୀ ବ୍ୟବହାର କରିବାକୁ ଉତ୍ସାହିତ କରାଯାଏ । ସେଥିପାଇଁ ତୁମର ଯୋଜନା ନମନୀୟ ହେବା ଉଚିତ ଯାହାଦ୍ୱାରା ଛାତଛାତ୍ରୀମାନେ ନିଜ ଦକ୍ଷତା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ଶିକ୍ଷଣରେ ଅଂଶଗ୍ରହଣ କରିପାରିବେ । କିଛି ଛାତ୍ରଛାତ୍ରୀ ଭଲ ବସ୍ତୁସବୁ ତିଆରି କରି ବହୁତ ଭଲ ପଢନ୍ତି, କେତେକ ବିବରଣୀ ଟିପିରଖି ଏବଂ କେତେକ ସମ୍ବାଦପତ୍ର କାଟି ରଖିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ଏବଂ ଅନ୍ୟ କେତେକ ଆଲୋଚନା ଦ୍ୱାରା ଭଲ ଶିକ୍ଷା କରିଥାନ୍ତି । ଜଣେ ଶିକ୍ଷକ ହିସାବରେ ଏହା ଗୁରୁତ୍ୱପୂର୍ଣ୍ଣ ଯେ ତୁମ ଯୋଜନାଟି ଶ୍ରେଣୀରେ ଥିବା ସବୁ ପିଲାମାନଙ୍କୁ କାମରେ ଅଂଶଗ୍ରହଣ କରିବାରେ ସକ୍ଷମ କରିବ ।

(iii) **ଉପଲବ୍ଧ ସମ୍ବଳ :** ଉତ୍ତମ ଓ ବ୍ୟାବହାରିକ ସମ୍ବଳ ଯୋଜନା ପାଠ ଯୋଜନାର ସଫଳତା ପାଇଁ ଏକ ଗୁରୁତ୍ୱ ପୂର୍ଣ୍ଣ ଉତ୍ପାଦକ । ସ୍କୁଲ ଏବଂ ପାଖାପାଖି ଅଞ୍ଚଳରେ ପ୍ରଚୁର ପରିମାଣରେ ଶିକ୍ଷଣୀୟ ଏବଂ ଅଧ୍ୟୟନଲବ୍ଧ ସମ୍ବଳ ଉପଲବ୍ଧ ଅଛି । ଏହା ପୁଙ୍ଖାନୁପୁଙ୍ଖ ଭାବରେ ଅଧ୍ୟାୟ-୮ରେ ଆଲୋଚନା କରାଯିବ ।

### ୭.୬.୧.ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି

ଏହା ବିଦ୍ୟାଳୟରେ ବର୍ଷର ପ୍ରଥମ ଦିନ ଥିଲା । ଲୀନା ନୂତନ ଭାବେ ଶିକ୍ଷୟତ୍ରୀ ରୂପେ ନିଯୁକ୍ତ ପାଇଥିଲେ ଏବଂ ୪ର୍ଥ ଶ୍ରେଣୀର ଦାୟିତ୍ୱରେ ଥିଲା । ସବୁ ଛାତ୍ରଛାତ୍ରୀମାନେ ଆଗକୁ ଆସି ଲୀନାକୁ ସ୍ୱାଗତ କଲେ । ସେ ବହୁତ ଖୁସୀ ଥିଲା । ହଠାତ୍ ସେ ତାର ଶ୍ରେଣୀ ଗୃହରେ ଏକ ଛାତ୍ରକୁ ଲକ୍ଷ୍ୟ କଲା ଯିଏ କି ଶାନ୍ତଭାବରେ ଏକ କୋଣରେ ବସିଥିଲା । ସେ ରୁକ୍ଷ ଥିଲା ଏବଂ ତାର ବଡ ଆଖି ଦୁଇଟି କିଛି ଜିନିଷକୁ ପ୍ରକାଶ କରୁଥିଲା ।

ଟିକେ ଦ୍ୱିଧାରେ ଲୀନା ତାକୁ ଦେଖି ହସିଲା । କିନ୍ତୁ ସେ ଉତ୍ତର ଦେଲା ନାହିଁ । ସେ ହେଉଛି "ଟ୍ୟାଡ୍" ଅନ୍ୟ ଜଣେ ଶିକ୍ଷାର୍ଥୀ ଅପୂର୍ଭା କହିଲା ।

ସେ, "ସବୁବେଳେ ଏହିପରି" । ସେ କହିଲା, ଶ୍ରେଣୀରେ ସେ କେବେ ଆଗ୍ରହୀ ନୁହେଁ ଏବଂ ଶିକ୍ଷକ କ'ଣ ପଢାଇଛନ୍ତି ସେ କିଛି ଜାଣେ ନାହିଁ ।

କିଛି ଦିନ ପରେ ଅପୂର୍ଭା ଯାହା ଟ୍ୟାଡ୍ ବିଷୟରେ କହିଥିଲା, ଲୀନାର ତାହା ବିଶ୍ୱାସ ହେଲା । ପିଲାମାନଙ୍କର ପ୍ରଦର୍ଶନ ଓ ପ୍ରାପ୍ତାଙ୍କ ଲିପିବଦ୍ଧ କରିବାକୁ ବର୍ତ୍ତମାନ ଶିକ୍ଷକଙ୍କ ପାଇଁ ସମୟ ଆସିଲା । ଲୀନା ବର୍ତ୍ତମାନ ଟ୍ୟାଡ୍‌ର ପ୍ରାପ୍ତାଙ୍କ ଲେଖି ରଖୁଥିଲା । ସେ ଟ୍ୟାଡ୍‌ର ପୂର୍ବ ବର୍ଷରେ ଥିବା ପ୍ରଗତି ପତ୍ରରେ ଥିବା ମନ୍ତବ୍ୟକୁ ପଢୁଥିଲା, ଯାହା ସକରାତ୍ମକ ନ ଥିଲା । ବର୍ତ୍ତମାନ, ସେ ନିଜର ମନ୍ତବ୍ୟ ଲେଖି ରଖିଲା । ଶେଷରେ ସେ ଟ୍ୟାଡ୍‌ର ଶିକ୍ଷଣ ପାର୍ଶ୍ୱ ବିନ୍ଦୁ ବାଛିଲା । ଟ୍ୟାଡ୍ ଏକ ମେଧାବୀ ଛାତ୍ର ଅଟେ । ସେ ସର୍ବଦା ଉତ୍ସାହୀ ଏବଂ ହସ ହସ । ତାର ଗୋଟିଏ ଭଲ ଭବିଷ୍ୟତ ଅଛି । ଏହିଗୁଡିକ ତା ମନ୍ତବ୍ୟର ପାର୍ଶ୍ୱ ବିନ୍ଦୁ ଥିଲା । ଲୀନା ଆଶ୍ଚର୍ଯ୍ୟ ଥିଲା । ଏହି ମନ୍ତବ୍ୟ ଗୁଡିକ ଟ୍ୟାଡ୍‌ର ବିଦ୍ୟାଳୟରେ ପ୍ରଥମ ବର୍ଷର ଥିଲା । ଲୀନା ଆଗ୍ରହୀ ଥିଲା ଏବଂ ସେ ଆଗକୁ ଆଗକୁ ପଢି ଚାଲିଥିଲା ।

"ଏହି ବର୍ଷ, ପ୍ରଥମ ଏକକ ପରୀକ୍ଷା ପରେ, ଟ୍ୟାଡ୍ ଅଳ୍ପ ଭୟଭିତ ଲାଗୁଥିଲା । ଟ୍ୟାଡ୍ ମା'ର କିଛି ଅସୁବିଧା ଅଛି ସେଥିପାଇଁ ଟ୍ୟାଡ୍ ଶ୍ରେଣୀ ଗୃହକୁ ଆସୁନାହିଁ ।

**ସୋପାନ -୩**

ଟ୍ୟାଡ୍ ତା ମା'କୁ ହରାଇ ଦେଲା । ତା'ର ବାପା ମଦ୍ୟପାନ କରନ୍ତି । ଟ୍ୟାଡ୍ ବହୁତ ଦୁଃଖିତ ଥିଲା । ସେ ଆଦୌ ଭଲ ପ୍ରଦର୍ଶନ କରୁ ନଥିଲା । ସେଠାରେ କେହି ତାର ଯତ୍ନ ନେବାପାଇଁ ନଥିଲେ । ଲୀନା ପଢି ଚାଲିଥିଲା, ଏବଂ ଆଖିରୁ ଲୁହ ଆସିବା କାରଣରୁ ତାକୁ ଝାପ୍‌ସା ଦିଶୁଥିଲା । ସେ ଅନୁଭବ କଲା ଯେ ଟ୍ୟାଡ୍ ପ୍ରତି ବଡ ଅନ୍ୟାୟ ହୋଇଛି ।

ପରଦିନ ଯେତେବେଳେ ଲୀନା ଶ୍ରେଣୀ ଗୃହକୁ ପ୍ରବେଶ କଲା, ସେ ଟ୍ୟାଡ୍‌କୁ ଦେଖି ଏକ ଉଷ୍ମ ହସ ହସିଲେ । ଟ୍ୟାଡ୍ ତାକୁ ଶୁନ୍ୟ ଚାହାଣୀରେ ଚାହିଁ ରହିଲା । କିନ୍ତୁ ଲୀନା ଯେହେତୁ ତାକୁ ଦେଖି ହସି ଚାଲିଲା, ଧିରେଧିରେ ଟ୍ୟାଡ୍ ମୁହଁରେ ହସ ଦେଖାଦେଲା । ଚାରିମାସ ବିତି ଗଲା । ବର୍ତ୍ତମାନ ବଡ ଦିନ ଏବଂ ନୂଆ ବର୍ଷର ସମୟ । ସବୁ ଛାତ୍ରମାନେ ଶିକ୍ଷୟତ୍ରୀ ଲୀନାକୁ ବିଭିନ୍ନ ପ୍ରକାର ଉପହାର ଦେଉଥିଲେ । ସେ ଆଦରର ସହିତ ଉପହାର ସବୁକୁ ଗ୍ରହଣ କରୁଥିଲେ । ଶେଷରେ ଟ୍ୟାଡ୍ ତା ପାଖକୁ ଆସିଲା ଏବଂ ମାଳି ଏବଂ ପଥରରେ ତିଆରି ଏକ ଚୁଡି ଦେଲା ଏବଂ ଗୋଟିଏ ଖାଲି ଥିବା ଅତର ବୋତଲ ଦେଲା ।

ଏବେ ପରବର୍ତ୍ତୀ ଏକକ ପରୀକ୍ଷାର ସମୟ ଥିଲା । ଟ୍ୟାଡ୍ ଶ୍ରେଣୀରେ ଚତୁର୍ଥ ସ୍ଥାନ ଅଧିକାର କଲା ।

ତୁମ ଶ୍ରେଣୀରେ ଏହିପରି ଅନେକ ଟ୍ୟାଡ୍ ଥିବେ । ଏହା କେବଳ ଶିକ୍ଷାର୍ଥୀ ଶିକ୍ଷଣର ପାର୍ଶ୍ୱ ବିନ୍ଦୁ ଥିଲା ଯାହାଦ୍ୱାରା ଲୀନା ଟ୍ୟାଡ୍‌ର କ୍ଷମତା, ସାମର୍ଥ୍ୟ ଏବଂ ପାରିବାରିକ ଅବସ୍ଥା ବୁଝିପାରିଥିଲା ।

ଛାତ୍ରର ପାର୍ଶ୍ୱ ବିନ୍ଦୁ କେବଳ ଜଣେ ଶିକ୍ଷକଙ୍କ ପାଇଁ ଆବଶ୍ୟକ ନୁହେଁ ବରଂ ନିରବଚ୍ଛିନ ଭାବେ ବର୍ଷକଯାକ ପିଲାଟି କେଉଁ ସ୍ତରକୁ ଆଗଉଛି ତାହା ଜଣାପଡ଼ିଥାଏ । ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ଶିକ୍ଷକମାନେ ଗରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣକୁ ସୂଚିତ କରନ୍ତି (ଶିକ୍ଷଣର ଅଭିରୁଚି, ପାରିବାରିକ ଅବସ୍ଥା, କୌଣସି ପିଲାର ହଠାତ୍

ଟିପ୍ପଣୀ

ବିକାଶରେ ପରିବର୍ତ୍ତନ ଏବଂ ମନୋଭାବ ଇତ୍ୟାଦି) । ପାର୍ଶ୍ୱ ବିନ୍ଦୁ ହେଉଛି ଏକମାତ୍ର ଉପାୟ ଯାହା ପିଲାମାନଙ୍କର ବିକାଶ ଓ ବୃଦ୍ଧିରେ ଫଳପ୍ରଦ ଉପକରଣ ରୂପେ କାର୍ଯ୍ୟ କରିଥାଏ । ଏହା କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ ଅଛି । ଉଦାହରଣ ସ୍ୱରୂପ :

- ଆମେ ଗୋଟିଏ ସାମଗ୍ରିକ ଢ଼ାଞ୍ଚା ବିକାଶ କରିପାରିବା ଯେଉଁଥିରେ ସବୁ ପିଲାମାନଙ୍କର ବିକାଶର ଟିପ୍ପଣୀ ରହିପାରିବ । ଏହି ଢ଼ାଞ୍ଚାରେ ଶ୍ରେଣୀର ସାମଗ୍ରିକ ମତାମତ ଏବଂ ତୁଳନାତ୍ମକ ବିଶ୍ଳେଷଣ ସ୍ଥାନ ପାଇବ । କିନ୍ତୁ ଏଥିରେ ମଧ୍ୟ କିଛି ଅସୁବିଧା ରହିପାରେ, ଯେପରିକି ଏହା ଛାତ୍ର କୈନ୍ଦ୍ରିକ ହୋଇ ନପାରେ । ଏହି ଫର୍ଦ୍ଦ / ଢାଞ୍ଚା ଅତ୍ୟନ୍ତ ଉପଯୋଗୀ ଓ ଶିକ୍ଷକ ମାନଙ୍କ ଦ୍ୱାରା ବ୍ୟବହାର ପାଇଁ ସହଜ ।

| ଶିକ୍ଷାର୍ଥୀର ନାମ | ଶିକ୍ଷଣ ଶୈଳୀ | ଶିକ୍ଷଣ ସାମର୍ଥ୍ୟ | ବିଷୟ ବସ୍ତୁରେ ଆଗ୍ରହ | ଶେଷ ଏକକର ଉପଲବ୍ଧି | ଏହି ଏକକର ଉପଲବ୍ଧି | ପରବର୍ତ୍ତୀ ସମୟ ଯୋଜନା ପାଇଁ ମନ୍ତବ୍ୟ |
|---|---|---|---|---|---|---|
| | | | | | | |

- ପ୍ରତ୍ୟେକ ଛାତ୍ରର ବ୍ୟକ୍ତିଗତ ଶିକ୍ଷଣ ପାର୍ଶ୍ୱ ବିନ୍ଦୁ ଠିକ୍ ଭାବେ ପ୍ରସ୍ତୁତ ହୋଇପାରେ । ଏହି ଢ଼ାଞ୍ଚା ଶିଶୁ କୈନ୍ଦ୍ରିକ ହେବା ଆବଶ୍ୟକ । କିନ୍ତୁ ଶିକ୍ଷକମାନଙ୍କ ପାଇଁ ଏହାକୁ ବ୍ୟବହାର ଏବଂ ବଜାୟ ରଖିବା ବିରକ୍ତିକର ଅଟେ ଏବଂ ଗୋଟିଏ ବୈଶିଷ୍ଟ୍ୟକୁ ତୁଳନାତ୍ମକ ବିଶ୍ଳେଷଣରେ ଉପନୀତ କରାଯାଇ ନପାରେ ।

### ୭.୬.୨ ଛାତ୍ରଛାତ୍ରୀମାନଙ୍କର ଯୋଜନାରେ ଅଂଶଗ୍ରହଣ

ଯେପରି ତୁମେ ଜାଣ ପିଲାମାନଙ୍କର ଶିକ୍ଷଣ ଶୈଳୀ ଏବଂ ଅଭିରୁଚି ଭିନ୍ନ ଭିନ୍ନ ଅଟେ ସେଥିପାଇଁ ତୁମେ ବିଭିନ୍ନ ଶିକ୍ଷଣ ପ୍ରଣାଳୀ ବ୍ୟବହାର କରିବାକୁ ଉତ୍ସାହିତ ହୋଇଥାଅ । ଏଥିପାଇଁ ଯୋଜନା କଲାବେଳେ ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସଂପୃକ୍ତ କରିବା ଆବଶ୍ୟକ । ଏହା ନିଶ୍ଚିତ କରେ ଯେ ଯେଉଁ ଯୋଜନାଟି ତୁମ ଦ୍ୱାରା ପ୍ରସ୍ତୁତ ହୋଇଛି ତାହା ନମନୀୟ ହୋଇ ଏଥିରେ ପିଲାଙ୍କ ସାମର୍ଥ୍ୟ ଓ ଅଗ୍ରାଧିକାର ଭିତ୍ତିରେ ଚାହୁଁଥିବା ଶିକ୍ଷଣ ସ୍ଥାନ ପାଇଛି - କେତେକ ପିଲା ଉପକରଣ ପ୍ରସ୍ତୁତ କରି ଭଲଭାବେ ଶିଖନ୍ତି, କେତେକ ଦେଖିଦେଖି, କେତେକ ସମ୍ବାଦପତ୍ରକୁ କାଟି ଫାଇଲରେ ରଖନ୍ତି ଏବଂ ଯେପରିକି ଅନ୍ୟମାନେ ସାଙ୍ଗସାଥିମାନଙ୍କ ସହ ଆଲୋଚନା କରି ଶିଖିପାରନ୍ତି । ଶିକ୍ଷାର୍ଥୀମାନଙ୍କୁ ଯୋଜନା ପ୍ରକ୍ରିୟାରେ ଜଡିତ କରିବା ଦ୍ୱାରା, ତୁମ ଯୋଜନା ପିଲାମାନଙ୍କୁ ଶ୍ରେଣୀରେ ନିଯୁକ୍ତ ଏବଂ ଜଡିତ କରିବାରେ ସକ୍ଷମ ହୋଇପାରିବ ।

**୭.୬.୩ ସମ୍ବଳର ଯୋଜନା କରିବା :** ନିଜର ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାର ଶିକ୍ଷାର୍ଥୀର ସମ୍ବଳ ଚିହ୍ନଟ ଏବଂ କିଛି ନୂଆ ତିଆରି କରିବା ହେଉଛି ଯୋଜନାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପାଠ ଯୋଜନାରେ ସନ୍ନିବେଶିତ ହୋଇଥିବା ବିଭିନ୍ନ ଶିକ୍ଷଣ କାର୍ଯ୍ୟକୁ କରିବାପାଇଁ ଶିକ୍ଷକ ବିଭିନ୍ନ ପ୍ରକାର ସମ୍ବଳ ଆବଶ୍ୟକ କରନ୍ତି । ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଶ୍ରେଣୀରେ ଏବଂ ବିଦ୍ୟାଳୟରେ ଏଗୁଡିକ ଉତ୍ପାଦନ କିମ୍ବା ସୃଷ୍ଟି ଉପଦେଶ ଯୋଗ୍ୟ ଅଟେ । ପରବର୍ତ୍ତୀ ଅଧ୍ୟାୟରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣ ପାଇଁ ଆବଶ୍ୟକ ସମ୍ବଳ ବିଷୟରେ ଅଧିକ ଜାଣିବ ।

### ୭.୭ ସାରାଂଶ

ଏହି ଅଧ୍ୟାୟ ଶିକ୍ଷା ବିଜ୍ଞାନ ଉପରେ ଲେଖାଯାଇ ନାହିଁ । ତଥାପି ଏହି ଅଧ୍ୟାୟ ଶିକ୍ଷାରେ ପ୍ରୟୋଗାତ୍ମକ

ଟିପ୍ପଣୀ

ଅଂଶ ଅଧ୍ୟୟନ ଉପରେ ଅଧିକ ଆଲୋକପାତ କରେ । ଆମ ପ୍ରତ୍ୟେକଙ୍କର ଯୋଜନାର ପଥ ଆମ ନିଜସ୍ୱ । କିନ୍ତୁ ନିମ୍ନଲିଖିତ କେତେକ ସାଧାରଣ ସୋପାନ ଗୁଡିକ ଯାହା ତୁମ ଯୋଜନାକୁ ବାସ୍ତବ ଓ ଫଳପ୍ରଦ ନିଶ୍ଚିତ କରିବ ।

ଏହି ଅଧ୍ୟାୟ ଶିକ୍ଷକଙ୍କୁ କେନ୍ଦ୍ରୀଭୂତ କରି ଲେଖାଯାଇଛି, କାରଣ ଶିକ୍ଷକ ହେଉଛନ୍ତି ଛାତ୍ରର ଏକ ସ୍ଥପତି । ପ୍ରତ୍ୟେକ ସ୍ଥପତି କିଛି ଜିନିଷ ମନେରଖିବା ନିତ୍ୟାନ୍ତ ଆବଶ୍ୟକ ।

- ତାଙ୍କ ସୃଷ୍ଟିଗୁଡିକ ସ୍ୱ ଅର୍ଥବୋଧକ ହେବା ଆବଶ୍ୟକ ।
- ତାଙ୍କ କାମରେ କିଛି ନୂତନତ୍ୱ ଥିବା ଆବଶ୍ୟକ ।
- ତାଙ୍କ ସୃଷ୍ଟି (ଶିକ୍ଷାର୍ଥୀ)ର ନିଜ ପରିଚୟ ଅଛି ।
- ତାଙ୍କ ସର୍ଜନାତ୍ମକ ଭାବନା ଶକ୍ତି ନିହାତି ପୋଷଣୀୟ(sustainable) ହେବା ଦରକାର ।
- ଆଂଚଳିକ ଉପାଦାନ ଓ ପରିବେଶ ସହ ସମ୍ବନ୍ଧିତ ।

ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ଯୋଜନା ଆବଶ୍ୟକ କରିଥାଏ ଯେ ତୁମର ପାଠ ଯୋଜନା ଆବଶ୍ୟକୀୟ ସହ-ସମ୍ବନ୍ଧ ଓ ଆନ୍ତଃ ସଂଯୋଗ ଉପରେ ପ୍ରସ୍ତୁତ ହୋଇଛି । ଅଧିକନ୍ତୁ ଏହା ଶିକ୍ଷକମାନଙ୍କୁ ବୁଝାଇଦିଏ ଯେ ଯୋଜନା ପରିସର ବାର୍ଷିକ ଯୋଜନାଠାରୁ ଆରମ୍ଭ ହୋଇ ପ୍ରତିଦିନ ପ୍ରସ୍ତୁତ ବିବରଣୀ ପର୍ଯ୍ୟନ୍ତ ହୋଇଥାଏ । ପ୍ରାକୃତିକ ପରିବେଶ, ସାଂସ୍କୃତିକ ପରିବେଶ ଓ ଅବିରତ ଭାବେ ଚାଲିବାକୁ ଥିବା କାର୍ଯ୍ୟ ତୁମ ଯୋଜନାରେ ଅନ୍ତର୍ଭୁକ୍ତ ହେବା ଉଚିତ,ଏହା ପରିବେଶ ଅଧ୍ୟୟନ ଯୋଜନା ଆବଶ୍ୟକ କରିଥାଏ ।

ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କର ଯୋଜନା ପ୍ରକ୍ରିୟାରେ ନିଯୁକ୍ତ ଏବଂ ସମ୍ବଳ ସଂଚାଳନ ହେଉଛି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯାହାକି ଫଳପ୍ରଦ ଯୋଜନା ବିକାଶ କରିବାରେ ସାହାଯ୍ୟ କରେ । ଆଗାମୀ ଅଧ୍ୟାୟ ତୁମକୁ ଅଧିକ ସମ୍ବଳ ଯୋଜନା ବିଷୟରେ ଜଣାଇ ଦେବ ।

## ୭.୮ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

### ନିଜ ଅଗ୍ରଗତି ଆକଳନ-୧

ଉତ୍ତର- ପ୍ରସ୍ତୁତି, ପ୍ରକ୍ରିୟା ଏବଂ ଫଳାଫଳ

### ନିଜ ଅଗ୍ରଗତି ଆକଳନ-୨

ଶିକ୍ଷାଦାନ ବିନ୍ଦୁ ଚିହ୍ନଟ, ଶିକ୍ଷଣ ଉଦ୍ଦେଶ୍ୟରେ ପ୍ରାଥମିକ ଚିଠା ପ୍ରସ୍ତୁତି, ଉପକ୍ରମ ଓ ମୁଖ୍ୟ ଶିକ୍ଷଣ କାର୍ଯ୍ୟର ଯୋଜନା ଶିକ୍ଷଣ ଓ ବୋଧଗମ୍ୟତା ତନଖି ପାଇଁ ଯୋଜନା, ଉପସଂହାର, ଉନ୍ନତି ଏବଂ ଦର୍ଶନ, ବାସ୍ତବବାଦୀ ସମୟ ରେଖା ପ୍ରସ୍ତୁତି, ସମ୍ପୂର୍ଣ୍ଣ ଯୋଜନା ଉପସ୍ଥାପନ ଓ ପାଠ ଯୋଜନାରେ ପ୍ରତିଫଳନ ।

### ନିଜ ଅଗ୍ରଗତି ଆକଳନ-୩

ଉତ୍ତର -

ତାରିଖ:

ଶ୍ରେଣୀ:

ବିଷୟ:





ପ୍ରସଙ୍ଗ:
ଶିକ୍ଷଣ ବିନ୍ଦୁ:
ଶିକ୍ଷଣ ଉଦ୍ଦେଶ୍ୟ:
ପୂର୍ବଜ୍ଞାନ:
ଶିକ୍ଷଣ ସମ୍ବଳ/ ଶିକ୍ଷାଦାନ ସାମଗ୍ରୀ:
ଶିକ୍ଷଣ କୌଶଳ:

| ଶିକ୍ଷଣ ବିନ୍ଦୁ | ଶିକ୍ଷଣ କାର୍ଯ୍ୟ | କଳାପଟା କାର୍ଯ୍ୟ |
|---|---|---|

ଉପକ୍ରମ

ଉପସ୍ଥାପନା

ମୂଲ୍ୟାୟନ

(ଗୃହକାର୍ଯ୍ୟ)

ବିଚାରାର୍ଥ ପ୍ରେରଣ (references)

## ୭.୯ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

http://www.discovaryeducation.com/teachers/free-lesson-plans/lms-lesson-plans-928.cfm.

http;//www.lesson plans page.com/write lesson paln-htm/National curriculum frame work 2005,NCERT, New Delhi.

## ୭.୧୦ ପାଠାନ୍ତ ପ୍ରଶ୍ନାବଳୀ

(କ) ତୁମ ଅନୁସାରେ ସବୁଠାରୁ ଭଲ ଯୋଜନା ବଦ୍ଧ, ଅସଫଳ ଓ ଅଣସଂଯୋଜିତ ସଫଳତା କ'ଣ ? କାହିଁକି ?

(ଖ) ପାଠ ଯୋଜନା ପାଇଁ ଅଧ୍ୟାୟରେ ଦିଆଯାଇଥିବା ଉଦାହରଣକୁ ଆଧାର କରି ଗୋଟିଏ ପାଠର ଯୋଜନା ପ୍ରସ୍ତୁତ କର ?

(ଗ) ଯୋଜନା ପ୍ରସ୍ତୁତ କଲାବେଳେ କେଉଁ ମୁଖ୍ୟ ବିନ୍ଦୁ ଗୁଡିକ ବିଚାର କରାଯାଏ ?

(ଘ) ନିମ୍ନଲିଖିତ ଉକ୍ତି ପାଇଁ, ୧ ରୁ ୪ ପର୍ଯ୍ୟନ୍ତ ସ୍ଥିତିରେ ଥିବା ନିମ୍ନଲିଖିତ କ୍ରମରେ ଲେଖ:

୧. ଦୃଢଭାବେ ବିଶ୍ୱାସ କରିବା

୨. ରାଜିହେବା

୩. ଅରାଜିହେବା

୪. ଦୃଢଭାବେ ଅରାଜି ହେବା

(ଙ) ରାଧାକ୍ରିଷ୍ଣ ୨୦ ବର୍ଷ ଧରି ଶିକ୍ଷକ ଅଛନ୍ତି । ସେ ତାଙ୍କ ସମସ୍ତ ଛାତ୍ରଙ୍କୁ ଭଲରୂପେ ଜାଣନ୍ତି । ନିରୀକ୍ଷଣ ସମୟରେ ତାଙ୍କର ଦୈନିକ ଯୋଜନା ବହିଟି ଖାଲି ପଡିଥିବାର ଦେଖାଗଲା । ସେ ଶିକ୍ଷକମାନଙ୍କର ଯୋଜନା ପୁସ୍ତକରେ ଥିବା ଲେଖାକୁ ବିଦ୍ରୁପ କରୁଥିଲେ । ତୁମେ କିପରି ତାଙ୍କ ସଙ୍ଗେ ସହମତ ହୋଇପାରିବ ?

(ଚ) ଯେତେବେଳେ ତୁମ ପ୍ରଧାନ ଶିକ୍ଷକ ତୁମକୁ ପଚାରିବେ କାହିଁକି ଫୁଲନାର ଖାତା ଗୁଡିକ ଭଲଭାବରେ ଦେଖା-ରଖା ଯାଉ ନାହିଁ, ତୁମେ ହଠାତ୍ ଭାବିବ, ଫୁଲନର ମା' ତାର କେବେ ଯତ୍ନ ନିଅନ୍ତି ନାହିଁ ଏବଂ ଏହି କାରଣରୁ ଫୁଲନ ଗୋଟିଏ ଅସାବଧାନ ପିଲା ଅଟେ । ଯାହାର ଫଳ ସ୍ୱରୂପ ତାର ଖାତା ଭଲରେ ଦେଖା ଯାଉନଥିଲା । ତୁମେ ଏ ସବୁ ଭାବନାକୁ ବିଶ୍ୱାସ କର କି ?

(ଛ) ସଫଳତା ପାଇଁ ଯୋଜନା ଏକ ସାଧନୀ କି ? କାରଣ ଦର୍ଶାଅ ।

(ଜ) ଆମେ ଯୋଜନା ଦ୍ୱାରା ସବୁ ଅସୁବିଧାକୁ ସମାଧାନ କରିପାରିବ କି ? କାରଣ ଦର୍ଶାଅ ?